ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.76 Bhubaneswar Saturday, May 1, 2021 | ୨୪ତମ ବର୍ଷ ସଂଖ୍ୟା-୭୬ ଭୁବନେଶ୍ୱର, ଶନିବାର, ମେ ୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 3.00 (Air Surcharge - 0.50P) Member-INS


## ବରିଷ୍ଠ ସାମ୍ବାଦିକ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଆଉ ନାହାନ୍ତି

ରାଉରକେଲା,୩୦।୪(ପି.ଏନ): ରାଉରକେଲାର ପୁରାତନ ସାମ୍ବାଦିକ ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କର ଆଜି ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ପାଖାପାଖି ୮୦ ବର୍ଷ ହୋଇଥିଲା । ସ୍ୱର୍ଗତ ବିଶ୍ୱାଳ ଏକାଧାରାରେ ଜଣେ ସାମ୍ବାଦିକ ସହ ଲେଖକ ଓ ଶ୍ରମିକ ସଂଗଠନର ନେତା ମଧ୍ୟ ଥିଲେ । ସେ କେନ୍ଦ୍ରାପଡା ଜିଲ୍ଲା ନିବାସୀ । ରାଉରକେଲାରେ ଦିର୍ଘ ବର୍ଷ ସାମ୍ବାଦିକତା କରିବା ସହ ସେ ଦେଶ ଓ ରାଜ୍ୟ ସ୍ତରରେ ଥିବା ସାମ୍ବାଦିକ ସଂଗଠନ ଗୁଡିକର ନେତୃତ୍ୱ ନେଇଥିଲେ । ସାମ୍ବାଦିକତାକୁ ନେଇ ସେ ଅନେକ ବହି ଲେଖିବା ସହ ନିଜ ସମ୍ପାଦନାରେ ଏକ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶ କରୁଥିଲେ । ଏହାରି ଭିତରେ ସେ ରାଉରକେଲା ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଦସ୍ୟ ସାଙ୍ଗକୁ ସହରର ବିଭିନ୍ନ ସଂଗଠନ ସହ ସେ ସାମିଲ ଥିଲେ । ଶେଷ ଜୀବନ ବେଳକୁ ବହୁଦିନ ତଳୁ ଆରମ୍ଭ କରିଥିବା ତାଳଚେର ବିମଳାଗଡ ରେଳପଥ ଲାଗି ସେ ଆନ୍ଦୋଳନ ଚଳାଇଥିଲେ । ନିଜ ଜୀବନ ଜୀବିକା ଲାଗି ସେ ଏକ ପ୍ରିଟିଂ ପ୍ରେସ ଚଳାଇବା ସହ ପ୍ରତିଦିନର ଖବର ସହ ସେ ନିଜକୁ ସାମିଲ ରଖୁଥିଲେ । ତେବେ ତାଙ୍କ ଜୀବନ କାଳରେ ସମ୍ବାଦିକତାକୁ ନେଇ ସେ ଅନେକ ଚର୍ଚ୍ଚିତ ମଧ୍ୟ ହୋଇଛନ୍ତି । ଗତ ଏକ ସପ୍ତାହ ତଳେ ସେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତି ହୋଇଥିଲେ । ଆଜି ତାଙ୍କର ଦେହାନ୍ତ ହୋଇଥିବା ଜଣାପଡିଛି । ରାଉରକେଲା ପ୍ରେସ୍ କ୍ଲବର ସମ୍ପାଦକ ଅରବିନ୍ଦ ଦାସ କହିଛନ୍ତି ଯେ, ଏଭଳି ଖବର ନିଶ୍ଚୟ ସାମ୍ବାଦିକ ସମାଜ ଲାଗି ବଡ ଧରଣର କ୍ଷତି । ତାଙ୍କ ଭଳି ଶିକ୍ଷଣିୟ ବ୍ୟକ୍ତିତ୍ୱ ଆଜି କାଲି ବହୁତ କମ୍ ଦେଖିବାକୁ ମିଳନ୍ତି । ମୃତ୍ୟୁବେଳକୁ ତାଙ୍କ ପୁଅ ଓ ପରିବାର ଲୋକେ ଭାଇ ମାନେ ଥିବା ଖବର ମିଳିଛି । ଏହି ଖବର ପାଇ ସହରର ବହୁ ବୁଦ୍ଧିଜୀବି ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଇଏସଆଇସି ହସପିଟାଲ ଗୁଡିକ ପାଇଁ କୋଭିଡ-୧୯ ଚିକିତ୍ସା ସୁବିଧା ଥିବା ଡ୍ୟାଶବୋର୍ଡ

ନୂଆଦିଲ୍ଲୀ, ୩୦।୪(ପି.ଏନ): କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀ ରାଜ୍ୟ ବୀମା ନିଗମ (ଇ ଏସ ଆଇ ସି) ସାଂପ୍ରତିକ କରୋନା ମହାମାରୀ ସମୟରେ ନିଜର ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିବାକୁ ଯାଇ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି । ଏହି ନୂଆ ପଦକ୍ଷେପରେ ନାଗରିକ କେନ୍ଦ୍ରୀକ ସେବା ଯୋଗାଣ ବା ସୂଚନା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସମୟର ସବୁଠୁ ବଡ ଆବଶ୍ୟକତା ହେଲା କରୋନା ରୋଗୀଙ୍କ ଚିକିତ୍ସା ଓ ସେବା ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା । ଏହାର ହିତାଧିକାରୀଙ୍କ ନିମନ୍ତେ ଇଏସ୍ ?ଆଇ ପକ୍ଷରୁ ଯେଉଁ ସବୁ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପ୍ରଦାନକାରୀ ସୁବିଧାମାନ କରାଯାଇଛି ସେସବୁକୁ ଏବେ ଦେଶର ଲୋକମାନଙ୍କୁ କୋଭିଡ ଚିକିତ୍ସା ଓ ସେବା ଯୋଗାଇ ଦେବାକୁ ଉନ୍ମୁକ୍ତ କରାଯାଇଛି । କୋଭିଡ ଆକ୍ରାନ୍ତଙ୍କୁ ଉତ୍ସର୍ଗୀକୃତ ସେବା ଯୋଗାଇବାକୁ ଇଏସ୍ ?ଆଇର କେତେକ ଚିକିତ୍ସା ପ୍ରତିଷ୍ଠାନ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଏଥିରେ ଆମର ସାହସୀ ଚିକିତ୍ସକ ଓ ଚିକିତ୍ସାକର୍ମୀ ତଥା ଅନ୍ୟାନ୍ୟ ସମ୍ମୁଖ ଭାଗର କର୍ମୀମାନେ ଏସବୁ ଇଏସଆଇ ହସ୍ ?ପିଟାଲରେ ୨୪ଘଂଟିଆ ଜୀବନ ରକ୍ଷାକାରୀ ସେବା ଯୋଗାଇ ଦେଉଛନ୍ତି । ସେମାନେ କେବଳ ଦାୟିତ୍ୱବାନ ନାଗରିକ ଭାବେ ଏହି କାର୍ଯ୍ୟ କରୁନାହାନ୍ତି, ଏଥିରେ "ମାନବଜାତିର ସେବା, ଈଶ୍ୱରଙ୍କ ସେବା ସହ ସମାନ" ଭାବନା ରଖି ଏହି ମହତ୍ କାମରେ ଲାଗିପଡିଛନ୍ତି ।

ଯୋଗାଣ ଓ ଚାହିଦା ମଧ୍ୟରେ ବ୍ୟବଧାନ ଥିବାରୁ ଏବେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଶଯ୍ୟାର ଅଭାବ ରହିଛି । ଯେଉଁଠି ଶଯ୍ୟା ରହିଛି ସେ ସମ୍ପର୍କରେ ଠିକ୍ ସମୟରେ ତଥ୍ୟ ଉପଲବ୍ଧ ହେଉନାହିଁ । ଫଳରେ ଜରୁରୀ ଚିକିତ୍ସା ଓ ଯତ୍ନ ଲୋଡ଼ୁଥିବା ରୋଗୀମାନେ ଅସୁବିଧାରେ ପଡୁଛନ୍ତି । ଏସିକ୍ ?ର ଆଇସିଟି ଟିମ୍ ଏଥିପାଇଁ ନିରନ୍ତର ପରିଶ୍ରମ କରି ଏକ ନକ୍ସା ପ୍ରସ୍ତୁତ କରିଛି । ଏହି ନକ୍ସା ଆଧାରରେ ଏକ ଡ୍ୟାଶବୋର୍ଡ ତିଆରି କରାଯାଇ ତାହାକୁ କାର୍ଯ୍ୟରେ ଲଗାଯାଇଛି । ରେକର୍ଡ ସମୟରେ ଖୁବ୍ କମ୍ ଦିନରେ ଏହି ଡ୍ୟାଶବୋର୍ଡ ବିକଶିତ ହୋଇ କାର୍ଯ୍ୟକ୍ଷମ ହୋଇଛି । ଏହା ମାଧ୍ୟମରେ ଚିକିତ୍ସା ପାଇଁ ଜରୁରୀକାଳୀନ ଭିତ୍ତିରେ ଶଯ୍ୟା ଖୋଜୁଥିବା ଲୋକେ ଏସିକ୍ ହସ୍ ?ପିଟାଲରେ ବେଡ ସମ୍ପର୍କରେ ଆବଶ୍ୟକ ସୂଚନା ପାଇପାରିବେ ।

ଏହି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିବା ଇଏସଆଇ ହସ୍ ?ପିଟାଲଗୁଡିକ ନିଜର ଉପଲବ୍ଧ ଖାଲି ଶଯ୍ୟା ସମ୍ପର୍କରେ ନିୟମିତ ସର୍ବଶେଷ ତଥ୍ୟାବଳୀ ଯୋଗାଉଛନ୍ତି ଏବଂ ତାହା ଡ୍ୟାଶବୋର୍ଡରେ ସ୍ଥାନ ପାଉଛି । ଆଗ୍ରହୀ ବ୍ୟକ୍ତିବିଶେଷ ଏହି ଡ୍ୟାଶବୋର୍ଡରୁ ଚିକିତ୍ସା ସୁବିଧା ପାଇଁ ଉପଲବ୍ଧ ଥିବା ଶଯ୍ୟା, ହସ୍ ?ପିଟାଲର ନାମ ଓ ଅନ୍ୟାନ୍ୟ ତଥ୍ୟ ଜାଣିପାରିବେ ଏବଂ ଆବଶ୍ୟକ ସ୍ଥଳେ ତାହାର ସୁବିଧା ନେଇ ପାରିବେ ।

## କରୋନା ସମୟରେ ମାନସିକ ଚାପ ନିୟନ୍ତ୍ରଣ ସମ୍ପର୍କୀତ ଓ୍ୱେବିନାର

ଭୁବନେଶ୍ୱର,୩୦।୪(ପି.ଏନ): କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ଦେଶରେ ଉଗ୍ରରୂପ ଧାରଣ କରୁଥିବା ସମୟରେ ଲୋକମାନଙ୍କ ଚଳାଚଳରେ ପ୍ରତିବନ୍ଧକ, ଆତ୍ମୀୟସ୍ୱଜନ ଏବଂ ଜଣାଶୁଣା ବ୍ୟକ୍ତିମାନଙ୍କ ମୃତ୍ୟୁ ଖବର ସାଙ୍ଗକୁ ଅତିମାତ୍ରାରେ କରୋନା ସମ୍ପର୍କୀତ ସମ୍ବାଦକୁ ସାମାଜିକ ଗଣମାଧ୍ୟମରୁ ଜାଣିବାର ଆଗ୍ରହ ଲୋକମାନଙ୍କ ମନରେ ମାନସିକ ଚାପକୁ ବଢାଇ ଦେଉଛି ବୋଲି ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ହୃଦରୋଗ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଦୀପକ ରଞ୍ଜନ ଦାସ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କୋଭିଡ ସମୟରେ ମାନସିକ ଚାପ ନିୟନ୍ତ୍ରଣ ଶୀର୍ଷକ ଏକ ଓ୍ୱେବିନାର ଆଲୋଚନାରେ ଯୋଗଦେଇ ଡାକ୍ତର ଦାସ କହିଛନ୍ତି ଯେ, କରୋନା ସଂକ୍ରମଣ ସମ୍ପର୍କୀତ ବିଭିନ୍ନ କଟକଣା ଲୋକମାନଙ୍କର ରୋଜଗାର, ଚାକିରି, ଜୀବିକା ଆଦିକୁ ପ୍ରଭାବିତ କରିଛି । ଲୋକଙ୍କୁ ଏକୁଟିଆ କରିଦେଇଛି । ବିଭିନ୍ନ ପ୍ରକାରର ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ଲୋକଙ୍କର ମାନସିକ ଅବସାଦ ଏବଂ ଚାପ ବୃଦ୍ଧି ପାଉଛି । ଏସବୁ ଉଗ୍ର ରୂପ ଧାରଣ କରି ଆତ୍ମହତ୍ୟା ଭଳି ଘଟଣା ସମଗ୍ର ବିଶ୍ୱରେ ବର୍ତ୍ତମାନ ଦେଖାଦେଇଛି । ତେଣୁ ମାନସିକ ଚାପ କମାଇବା ନିମନ୍ତେ ବହି ପଢିବା, ଗୀତ ଶୁଣିବା, ଶାରୀରିକ ବ୍ୟାୟାମ କରିବା, ସାମାଜିକ ଗଣମାଧ୍ୟମ ଏବଂ ଟେଲିଭିଜନରେ ଦୀର୍ଘସମୟ ବ୍ୟୟ ନ କରିବା ଭଳି ଉପଦେଶ ଦେଇଛନ୍ତି । ମାନସିକ ଚାପର କାରଣ, ଲକ୍ଷଣ ଏବଂ ଉପଚାର ଉପରେ ବିସ୍ତୃତ ଆଲୋଚନା କରି ଏ ସମ୍ପର୍କୀତ ଚାପହ୍ରାସର ବିଭିନ୍ନ ଉପାୟ ସମ୍ପର୍କରେ ଡକ୍ଟର ଦାସ ଆଲୋଚନା କରିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଶିକ୍ଷାବିତ୍ ନିରଞ୍ଜନ ପାଣିଗ୍ରାହୀ କହିଥିଲେ ଯେ, ଦୈନିନ୍ଦିନ ଜୀବନରେ ମାନସିକ ଚାପ ଏକ ଅବିଚ୍ଛେଦ୍ୟ ଅଙ୍ଗ । କିନ୍ତୁ ନିଜର ସମସ୍ୟାକୁ ନିଜେ ନିୟନ୍ତ୍ରଣ ନ କରିଲେ ଏହା ଜଟିଳ ଶାରୀରିକ ସମସ୍ୟାରେ ପରିଣତ ହୁଏ । ତେଣୁ ଏହି ସମସ୍ୟାରୁ ଦୂରେଇ ରହିବାକୁ ହେଲେ ଅନ୍ୟସହ ନିଜକୁ ତୁଳନା ନ କରିବା, ସହନଶୀଳ ହେବା, ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ, ଶାରୀରିକ ଶ୍ରମ ଆଦି ଆବଶ୍ୟକ ବୋଲି କହିଥିଲେ । ଶିକ୍ଷାବିତ୍ ଶ୍ରୀମତୀ ସୋମଭଦ୍ରା ତ୍ରିପାଠୀ କରୋନା କଟକଣା ଭିତରେ ଛାତ୍ର ସମାଜର ମାନସ୍ତାତ୍ତ୍ୱିକ ସମସ୍ୟା ବର୍ଣ୍ଣନା କରି ସେମାନଙ୍କ ପାଇଁ ଚିତ୍ରକଳା, ନୃତ୍ୟ, ଗୀତଗାଇବା, ଗୀତ ଶୁଣିବା, ପରିବାରବର୍ଗଙ୍କ ସହ ମିଳିମିଶି ଏକତ୍ର ବସି କଥା ହେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏସବୁ ଦ୍ୱାରା ମାନସିକ ଚାପ ହ୍ରାସ ପାଇବ ବୋଲି ମତ ଦେଇଥିଲେ । ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଆଲୋଚନା ପ୍ରସଙ୍ଗରେ ସମସ୍ତଙ୍କର ମାନସିକ ଚାପ ଏବଂ ସମସ୍ୟା ପରସ୍ପରଠାରୁ ଅଲଗା ହୋଇଥିବାରୁ ଏହାର ନିରାକରଣ ନିମନ୍ତେ ପୁସ୍ତକ ପଠନ, ଜ୍ଞାନ ଆହୋରଣ ଆଦି ମାଧ୍ୟମରେ ସମୟର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କୀତ ଅନେକ ଭୁଲ ତଥ୍ୟ ପ୍ରକାଶ ପାଉଥିବାରୁ ପତ୍ରସୂଚନା କାର୍ଯ୍ୟାଳୟର ସାମାଜିକ ଗଣମାଧ୍ୟମରେ ଦିଆଯାଉଥିବା ସୂଚନାଗୁଡିକୁ ଗ୍ରହଣ କରିବାକୁ କହିଥିଲେ । ଏଥିସହିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ ।

## ୧୨୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ, ୩୩ ହଜାର ସ୍କୁଲ୍‌ରେ ମୋ ସ୍କୁଲ ପ୍ରକଳ୍ପ

ଭୁବନେଶ୍ୱର, ୩୦।୪(ପି.ଏନ):ମୋ ସ୍କୁଲ ଅଭିଯାନର ୨୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ମାସ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଓଡ଼ିଶାର ୨୪ଟି ଜିଲ୍ଲାର ମୋଟ ୧୨୧ କୋଟି ୨୬ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ୧ମାସ ମଧ୍ୟରେ ୩୬ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ ଅଭିଯାନ ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫କୋଟି ୨୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବାଲେଶ୍ୱରରେ ସର୍ବାଧିକ ୧.୭୭ କୋଟି, କଟକରେ ୫୩ ଲକ୍ଷ ୫୪ହଜାର, ଭଦ୍ରକରେ ୩୬ଲକ୍ଷ ୩୩ହଜାର, ଅନୁଗୁଳରେ ୩୩ଲକ୍ଷ ୧୮ହଜାର ଏବଂ ବରଗଡ଼ରେ ୧୮ଲକ୍ଷ ୫୪ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି । ଏହାସହ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ ଅଭିଯାନକୁ ୩୫କୋଟି ୫୫ଲକ୍ଷ ଟଙ୍କାର ଅନୁଦାନ ଆସିଛି । ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୨୧ କୋଟି ୨୬ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି । ବାଲେଶ୍ୱର ଜିଲ୍ଲାରେ ଲଗାତାର ୫ମ ଥର ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଏ କ୍ଷେତ୍ରରେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଭୂମିକାକୁ କାର୍ଯ୍ୟନିର୍ବାହୀ ପରିଷଦ ପ୍ରଶଂସା କରିଛନ୍ତି । ବର୍ତମାନ ସୁଦ୍ଧା ୫ଲକ୍ଷ ୬ହଜାର ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବାବେଳେ ରାଜ୍ୟରେ ସମସ୍ତ ଜିଲ୍ଲାର ୩୩ ହଜାରରୁ ଉର୍ଦ୍ଧ୍ୱ ସ୍କୁଲ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଛି । ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ପୁରାତନ ଛାତ୍ରଙ୍କୁ ଜିଲ୍ଲା, ବ୍ଲକ ଓ ସ୍କୁଲ ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରାଯିବାକୁ ନିଷ୍ପତି ହୋଇଥିବାବେଳେ ଏଯାବତ୍ ୧୩ଟି ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଧନ୍ୟବାଦ ପତ୍ର ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି । ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ୫ଟି ହାଇସ୍କୁଲ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲ୍ଲାପାଳ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ମାଧ୍ୟମିକ ଶିକ୍ଷା ପରିଷଦ, ଶିକ୍ଷକ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ୍ ପରିଷଦ(ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ସହଯୋଗରେ ରାଜ୍ୟର ୧ ହଜାର ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦିଆଯାଉଛି । ବିଶ୍ୱସ୍ତରୀୟ ମାନରେ ଭିତିଭୂମି ବିକାଶ ସହ ପିଲାମାନଙ୍କ ପାଠପଢ଼ାରେ କିଭଳି ଉନ୍ନତି ଅଣାଯାଇପାରିବ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆରମ୍ଭ ହୋଇଛି । ସିଏସ୍‌ଆର୍ ପାଣ୍ଠିରୁ ମିଳୁଥିବା ଅନୁଦାନ ସହ ମୋ ସ୍କୁଲର ଦୁଇଗୁଣା ସହାୟତା ରାଶିକୁ ମିଶାଇ ପ୍ରତ୍ୟେକ ବିଦ୍ୟାଳୟର ବିକାଶ କରାଯିବାକୁ ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସେଂଟର ଫର୍ ଏନଭାରୋମେଂଟ ଷ୍ଟଡିଜ୍ ସହଯୋଗରେ ୧ ହଜାର ସ୍କୁଲରେ ଏନର୍ଜି କ୍ଲବ ପ୍ରତିଷ୍ଠା କରାଯିବ । ବିଦ୍ୟାଳୟଗୁଡ଼ିକରେ ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଏବଂ ଏ ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ କରିବାକୁ ପ୍ରତ୍ୟେକ ବିଦ୍ୟାଳୟକୁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ସେହିଭଳି ନିର୍ଦ୍ଧାରିତ ସମୟରେ ମୋ ସ୍କୁଲ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ଶେଷ କରିବାକୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ସ୍ୱତନ୍ତ୍ର ଅଡିଟରମାନଙ୍କୁ ନିଯୋଜିତ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିବେଦନ ପରେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ସ୍କୁଲ ଆଡ଼ପସନ ବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରତି ପୁରାତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଅପ୍ରତ୍ୟାଶିତ ଆଗ୍ରହ ପ୍ରକାଶ ପାଇଛି । ବିଭିନ୍ନ ବର୍ଗର ଲୋକ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିବାବେଳେ ମୋ ସ୍କୁଲ ପକ୍ଷରୁ ପର୍ଯ୍ୟାୟକ୍ରମେ ପୋଷ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ମଇ ୧୦ ତାରିଖରେ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯାଉଛି । ବର୍ତମାନ ସୁଦ୍ଧା ୧୩୮୦ ଜଣ ବ୍ୟକ୍ତିବିଶେଷ ବିଭିନ୍ନ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓଏସ୍‌ଇପିଏ), ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଟିଇ, ଏସ୍‌ସିଇଆର୍‌ଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ, ମୋ ସ୍କୁଲ ଉପସ୍ଥିତ ଥିଲେ ।

### ଇନ୍ଦ୍ରଧନୁ ମାର୍କେଟ୍ ସିଲ୍

ଭୁବନେଶ୍ୱର, ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇନ୍ଦ୍ରଧନୁ ମାର୍କେଟ୍ କୁ ସିଲ୍ କରିଛି ବିଏମସି । କୋଭିଡ୍ ନିୟମ ଉଲ୍ଲଙ୍ଘନ ହେଉଥିବାରୁ ଇନ୍ଦ୍ରଧନୁ ମାର୍କେଟ ଶୁକ୍ରବାରଠୁ ୨୪ ଘଂଟା ପାଇଁ ସିଲ୍ ହୋଇଛି ।

### ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଅନୁଷ୍ଠିତ

## ଜିଲ୍ଲାସ୍ତରରେ ବ୍ୟାପକ ସଚେତନତା ଏବଂ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୩୦।୪(ପି.ଏନ): ରାଜ୍ୟରେ ବାଲ୍ୟବିବାହ ପ୍ରଥା ସଂପୂର୍ଣ୍ଣ ନିଷେଧ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାପକ ଯୋଜନାବଦ୍ଧ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବାଲ୍ୟବିବାହ ନିଷେଧ ପାଇଁ ଜିଲ୍ଲା, ବ୍ଲକ୍ ଏବଂ ପଂଚାୟତସ୍ତରରେ ଗଠିତ ଟାସ୍କ ଫୋର୍ସ/କମିଟିଗୁଡ଼ିକ ଅଧିକ କ୍ରିୟାଶୀଳ ହେବା ସହ ବାଲ୍ୟବିବାହ ଦ୍ୱାରା କୋମଳମତି ଶିଶୁମାନଙ୍କ ମାନସିକ, ଶାରୀରିକ ନକାରାତ୍ମକ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରି ଏହାକୁ ରୋକିବା ଦିଗରେ ସମସ୍ତ ଉଦ୍ୟମ କରିବାକୁ କୁହାଯାଇଛି । ସଂପ୍ରତି କୋଭିଡ୍-୧୯ ଦ୍ୱିତୀୟ ଲହରୀ ପରିପ୍ରେକ୍ଷୀରେ ବାଲ୍ୟବିବାହର ଶିକାର ହେଉଥିବା ଶିଶୁମାନେ ଖୁବ୍ ସମ୍ବେଦନପ୍ରବଣ ହୋଇପଡ଼ିଛନ୍ତି ଏବଂ ଆଗାମୀ ଦିନରେ ଆସୁଥିବା ଅକ୍ଷୟ ତୃତୀୟା ତିଥିରେ ଗଣବିବାହ ହେବା ସମ୍ଭାବନା ଥିବାରୁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଧର୍ମାନୁଷ୍ଠାନ, ମନ୍ଦିର ଏବଂ ବିବାହ ମଣ୍ଡପଗୁଡ଼ିକରେ ହେଉଥିବା ବିବାହଗୁଡ଼ିକରେ ଅନୁଷ୍ଠାନର ମୁଖ୍ୟମାନେ ଜନ୍ମ ପ୍ରମାଣପତ୍ରକୁ ଯାଂଚ କରବା ନିମନ୍ତେ ପଂଚାୟତିରାଜ ଓ ଆଇନ ବିଭାଗ ତରଫରୁ ପଦକ୍ଷେପ ନେବାକୁ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରତ୍ୟେକ ଦୁଇ ମାସରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲ୍ୟବିବାହ ନିଷେଧ କ୍ଷେତ୍ରରେ ସମ୍ମିଳିତ ଭାବେ ସହଭାଗିତାର ସହ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପଂଚାୟତିରାଜ ଓ ପାନୀୟଜଳ ଏବଂ ଆଇନ ଆଦି ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ୟୁନିସେଫ୍, ୟୁଏନ୍‌ଏଫ୍‌ପିଏ, ଆକ୍ସନ୍ ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସିଆଇଡି, କ୍ରାଇମ ବ୍ରାଂଚ, ପୋଲିସର କର୍ମକର୍ତାମାନେ ଯୋଗଦେଇଥିଲେ ।

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪୪୧୯୪

ଭୁବନେଶ୍ୱର, ୩୦।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୬୮୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪୪୧୯୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୮୦୪୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୧୬୯୮ ରହିଛି ।
ଆଜି ଚିହ୍ନଟ ହୋଇଥିବା ୮୬୮୧ ଜଣଙ୍କ ମଧ୍ୟରୁ ୪୯୪୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ୪ଟି ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, ୩୦।୪(ପି.ଏନ): ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ. ଜଷ୍ଟିସ୍ ଏସ୍ ମୁରଲୀଧର ଓଡିଶାର ପ୍ରମୁଖ ୪ଟି ଜିଲ୍ଲା କୋର୍ଟ ଯଥା କଟକ, ଗଞ୍ଜାମ, ସମ୍ବଲପୁର ଏବଂ ବାଲେଶ୍ୱର ଜିଲ୍ଲାର 'ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର'କୁ ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଉଚ୍ଚ ନ୍ୟାୟାଳୟର ଅନ୍ୟ ବିଚାରପତିମାନେ ଭର୍ଚୁଆଲ ମାଧ୍ୟମରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଭିନ୍ନ ମାମଲାଗୁଡିକ ଫଇସଲା କରିବାରେ କେସ୍ ରେକର୍ଡଗୁଡିକ ସ୍କାନିଂ ଓ ଡିଜିଟାଇଜ୍ କରିବା ଉଦ୍ଦେଶ୍ୟରେ ଏହି ୪ଟି ଜିଲ୍ଲା କୋର୍ଟ ଡିଜିଟାଇଜେସନ କେନ୍ଦ୍ର ସ୍ଥାପନ କରାଯାଇଛି ।ଏହି ଅବସରରେ ଉଚ୍ଚ ନ୍ୟାୟାଳୟ କମ୍ପ୍ୟୁଟର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୁଝାହାରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଡିଜିଟାଇଜେସନ ଓ ଏହାର ଭବିଷ୍ୟତ ସମ୍ଭାବନାରେ ରହିଥିବା ବହୁମୂଲ୍ୟ ଅନ୍ତର୍ଦୃଷ୍ଟି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓକାକ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାରେ ସେ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ପରେ ପରେ ମୁଖ୍ୟ ବିଚାରପତି ଡଃ. ମୁରଲୀଧର ସମ୍ବଲପୁର ଜିଲ୍ଲା ପାଇଁ ପ୍ରାଶାସନିକ ବିଚାରପତି ରହିଥିବା ଡଃ. ଜଷ୍ଟିସ୍ ବି.ଆର୍.ଷଡଙ୍ଗୀଙ୍କ ଉପସ୍ଥିତିରେ ସମ୍ବଲପୁର ସ୍ଥିତ ସିନିୟର ସିଭିଲ ଜଜ( ଏଲ୍.ଆର ଓ ଏଲ୍.ଟି.ଭି.)ର ସଂପ୍ରସାରିତ କୋଠା ଏବଂ ସିନିୟର ସିଭିଲ୍ ଜଜ( କମର୍ସିଆଲ କୋର୍ଟ)କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଲୋକାର୍ପିତ କରିଥିଲେ। ଏହା ଦ୍ୱାରା ଜିଲ୍ଲାର ଆଇନ୍‌ଜୀବୀ ଏବଂ ନ୍ୟାୟ ଅପେକ୍ଷାରେ ଥିବା ଜନସାଧାରଣ ବହୁ ଭାବେ ଉପକୃତ ହେବେ । ମୁଖ୍ୟ ବିଚାରପତି ଚଳିତ ବର୍ଷ ଜାନୁଆରୀରେ କାର୍ଯ୍ୟଭାର ଗ୍ରହଣ କରିବା ପରେ କେସ୍ ରେକର୍ଡଗୁଡିକର ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାର ନବୀକରଣକୁ ଗୁରୁତ୍ୱ ଦେଇଛନ୍ତି । ବହୁଳ ମାତ୍ରାରେ କେସ୍ ରେକର୍ଡ ଗୁଡିକର ସ୍କାନିଂ ଓ ଡିଜିଟାଇଜେସନ କାର୍ଯ୍ୟ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ପରିସରରେ ଅନେକଗୁଡିଏ ଡିଜିଟାଇଜେସନ ହବ୍ ସ୍ଥାପନ କରାଯାଇଛି । ଉଚ୍ଚ ନ୍ୟାୟାଳୟ ପରିସରରେ ଗତ ୪ ମାସରେ ଏକ ପୃଷ୍ଠା ବିଶିଷ୍ଟ ୭୧,୯.୦୨୩ ଏବଂ ୯୩,୦୬୫ଟି କେସ୍ ରେକର୍ଡକୁ ସ୍କାନିଂ କରାଯାଇଥିବା ବେଳେ ମୋଟ ୨,୨୪,୮୬,୭୧୭ ଏକକ ପୃଷ୍ଠା ଏବଂ ୨,୮୯,୨୭୨ ପୃଷ୍ଠାର କେସ୍ ରେକର୍ଡ ସ୍କାନିଂ କରାଯାଇଛି । ଜିଲ୍ଲା ଓ ସବ୍-ଅର୍ଡିନେଟ୍ କୋର୍ଟର କେସ୍ ରେକର୍ଡଗୁଡିକୁ ଡିଜିଟାଇଜ୍ କରିବା ଦୀର୍ଘ ଦିନର ଆବଶ୍ୟକତା ଥିଲା । ପର୍ଯ୍ୟାୟକ୍ରମେ ସେସବୁକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି।


ମଇ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ମଇ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭକାମନା ଜଣାଉଛି ଏବଂ ଶ୍ରମିକ ସମାଜର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପୁନଃଘୋଷଣା କରୁଛି ।

କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ନିୟମକୁ ଠିକ୍ ଭାବରେ ପାଳନ କରନ୍ତୁ । ସବୁବେଳେ ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତ୍ୱ ନିୟମକୁ ନିଶ୍ଚୟ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-04
15001/13/0006/2122





ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ସହିତ ରାଜ୍ୟର ପ୍ରଗତିରେ କ୍ରିୟାଶୀଳ ଭୂମିକା ନିର୍ବାହ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-04
15001/13/0006/2122





ବାର୍ତ୍ତା

ମଇ ପହିଲା 'ଶ୍ରମିକ ଦିବସ' ଅବସରରେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପ୍ରତି କରୋନା ମହାମାରୀ ସ୍ଥିତିରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ସଠିକ ଭାବେ ଅନୁପାଳନ ପୂର୍ବକ ସେମାନେ ନିଜ ନିଜ କ୍ଷେତ୍ରରେ ନିଷ୍ଠାପର ଭାବେ କାର୍ଯ୍ୟ କରି ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବେ ବୋଲି ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-04
15001/13/0006/2122








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ



ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ



ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ଚ୍ଚ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

PARYABEKHYAK




# କୋଭିଡ୍ ପଜିଟିଭ ଥାଇ ବିଧାୟକ ରହୁଛନ୍ତି ଡ଼ାକବଙ୍ଗଳାରେ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କରୋନା ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି । ଏପରି ସ୍ଥିତିରେ ରଘୁନାଥ ପାଲ୍ଲୀ ବିଧାୟକ ସୁବ୍ରତ ତରାଇ ସେକ୍ଟର ୪ ସରକାରୀ ଡ଼ାକବଙ୍ଗଳାର ସୁଟ ନମ୍ବର ୧ରେ ବିଗତ ୮ ଦିନ ଧରି ରହିବା ଓ ସେକଥା ଜିଲ୍ଲା ପ୍ରଶାସନ ଜାଣି ନପାରିବା କଥା ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ଓ ଜିଲ୍ଲା ପ୍ରଶାସନର କୋଭିଡ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ଲଗାଉଛି । ତେବେ ୮ରୁ ୧୦ ଦିନ ତଳେ ସୁବ୍ରତଙ୍କୁ କରୋନା ହୋଇଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ହଠାତ ସେ ସେକ୍ଟର ୪ ଡାକବଙ୍ଗଳାରେ ଥିବା ନେଇ ଲୋକେ ଜାଣିବାକୁ ପାଇଥିଲେ । ସେ ସୁଟ ନମ୍ବର ୧ରେ ରହିବା ସହ ତାଙ୍କର ଗାଡି ମଧ୍ୟ ବାହାରେ ରହୁଥିଲା । ଖାଲି ସେତିକି ନୁହେଁ ସେ ଏହି ଅବସ୍ଥାରେ ଯାତାୟତ ମଧ୍ୟ କରୁଥିଲେ ବୋଲି ମଧ୍ୟ ଅଭିଯୋଗ ହେଉଛି । ଜଣେ ୨ରୁ ୩ ଥର ବିଧାୟକ ତା ଛଡା ବାରମ୍ବାର ମନ୍ତ୍ରୀ ପଦ ସମ୍ଭାଳିଥିବା ଲୋକ ତଥା ନବୀନ ସରକାରରେ ଜଣେ ଜଣାଶୁଣା ବ୍ୟକ୍ତି ଯେ ଏଭଳି କୋଭିଡ୍ କଟକଣାକୁ ଅମାନ୍ୟ କରୁଛନ୍ତି, ତାହା ବର୍ତ୍ତମାନ ଆଲୋଚନାର ବିଷୟ ବସ୍ତୁ ହୋଇଛି । ବିଧାୟକ ରହିବା ଭିତରେ ସେଠାରେ ନୂଆକରି ଆସିଥିବା ନିର୍ବାହୀ ଯନ୍ତ୍ରୀ ଓ ଏସଡିଓ ମଧ୍ୟ ରହି ନିଜ କାମ ଚଳାଉଛନ୍ତି । କାରଣ ସେମାନେ ଏଯାଏ ସରକାରୀ ଘର ପାଇ ନାହାନ୍ତି । ତା ଛଡା ଏହି ଡାକ ବଙ୍ଗଳାରେ ନିୟମିତ ଭିଡ଼ ହେବା ସହ ସେଠାରେ କେୟାର ଟେକର ଓ ତାଙ୍କର ପରିବାର ରହୁଛନ୍ତି । ପାଖରେ ଏକ ଇଞ୍ଜିନିୟରିଂ କଲେଜ ମଧ୍ୟ ରହିଛି । କୋଭିଡ ଆକ୍ରାନ୍ତ ହେବା ପରେ ବିଧାୟକ ନିଜର ସେକ୍ଟର ୪ରେ ପାଉଥିବା ଆରଏସପି ଘର, ଡାକ୍ତରଖାନାକୁ ନଯାଇ ଏଭଳି ସର୍ବସାଧାରଣ ଯାଗା ଡାକ ବଙ୍ଗଳାରେ ରହିବା କେତେ ଦୂର ଠିକ୍ ତାହାର ତର୍ଜମା ଚାଲିଛି । ଅନ୍ୟପକ୍ଷରେ କୋଭିଡ଼ ଆସିବା ଦିନରୁ ଡାକବଙ୍ଗଳା ଗୁଡ଼ିକ ଜିଲ୍ଲାପାଳଙ୍କ ନିୟନ୍ତ୍ରଣକୁ ଚାଲିଯାଇଛି, ତାଙ୍କର ବିନା ଅନୁମତିରେ କେହି ସେଠାରେ ରହିପାରିବେନି ବୋଲି ପିଡବ୍ଲୁଡି ବିଭାଗର ବାବୁ ମାନେ ସିଧା ସଳଖ ଆଜ୍ଞାଦି ବୁଝି ଲାଗି ଯାଉଥିବା ଲୋକଙ୍କୁ ଶୁଣାଉଛନ୍ତି । ତେବେ କୋଭିଡ୍ ଆକ୍ରାନ୍ତ ଥିବା ଜଣେ ବିଧାୟକ କାହାର ଅନୁମତି ନେଇ ସେଠାରେ ୮ ଦିନ ବିତାଇଲେଣି ସେ ବିଷୟରେ କିଏ କହିବ କେହି ବୋଲି ପ୍ରଶ୍ନ ହେଉଛି । ଅପରପକ୍ଷରେ ଏହି ଡାକ ବଙ୍ଗଳା ପୂର୍ବରୁ ମଧ୍ୟ କୋଭିଡ୍ ସମୟରେ ଆଉ କେତେକ ବିଧାୟକ ମାନଙ୍କୁ ନେଇ ଚର୍ଚ୍ଚାରେ ଥିଲା । ଜଣେ ଆଗଧାଡ଼ିର ବିଧାୟକ ଓ ରାଉରକେଲାରେ ବିଧାୟକଙ୍କ ସହ ଆହୁରି ଅନେକ ସେଠାରେ ସାମାଜିକ ଦୂରତା ନଥାଇ ମିଟିଂ କରିବା ନେଇ ଉଠିଥିଲା ପ୍ରଶ୍ନ । ତାପରେ ମଧ୍ୟ ଜିଲ୍ଲା ପ୍ରଶାସନ ରାସ୍ତାକୁ ଆସିଲା ନାହିଁ । ତେବେ ବିଧାୟକ ଏଭଳି ଅବସ୍ଥାରେ ଥିବା ନେଇ ଜାଣିବା ପରେ ଖୋଦ୍ ନିର୍ବାହୀ ଯନ୍ତ୍ରୀ ଓ ଏସଡିଓ ଜିଲ୍ଲା ଛାଡ଼ି ତାଙ୍କ ଗାଁକୁ ଚାଲିଯାଇଥିବା ଖବର ମିଳିଛି । ଏହି ଖବର ପଦାକୁ ଆସିବା ପରେ ଯଦି ଆଇନ ତିଆରି କରୁଥିବା ଓ ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକଙ୍କର ଅବସ୍ଥା ଏଭଳି ହୁଏ ତେବେ ସାଧାରଣ ଲୋକଙ୍କଠାରୁ କ'ଣ ଆଶା କରାଯିବ ବୋଲି ପ୍ରଶ୍ନ ହେଉଛି ।

# ଜେଏମଏମର ଗୁରୁତ୍ୱପୂର୍ଣ୍ଣ ବୈଠକ

**ବାରିପଦା:** ବାରିପଦା ପୌରପରିଷଦର ଦାରୋଗାଡ଼ାହି ଗୋଲେଇ ନିକଟସ୍ଥ ତୁଳସୀ ମଣ୍ଡପ ପରିସରରେ ଜେଏମଏମର ଜିଲ୍ଲା ସଭାପତି ଫାଗୁ ହାଁସଦାଃଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ ମୁଖ୍ୟ ଅତିଥି ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅଞ୍ଜନୀ ସୋରେନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମୟୂରଭଞ୍ଜ ଜିଲ୍ଲା ସଙ୍ଗଠନକୁ ଅଧିକ ସୁଦୃଢ଼ ଓ ସଶକ୍ତିକରଣ କରାଇବା ଉପରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବାକି ରହିଥିବା ବ୍ଲକ ସଙ୍ଗଠନ ଗୁଡ଼ିକୁ ଫେବୃଆରୀ ସୁଦ୍ଧା ଶେଷ କରାଇବା ଉପରେ ସମୀକ୍ଷା କରାଯାଇଥିବା ସମୟରେ ଡ଼ିସେମ୍ବର ୨୨ରେ ସାନ୍ତାଳୀ ଦିବସ ପାଳନ ଅବସରରେ ଜିଲ୍ଲାର ୨୬ଟି ବ୍ଲକରେ ଜେଏମଏମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦୨୧ ଜନଗଣନାରେ ସାରନା କୋର୍ଡ଼କୁ ସ୍ଥାନିତ କରାଇବା ପ୍ରସ୍ତାବକୁ ଓଡ଼ିଶା ବିଧାନସଭାରେ ପାରିତ କରାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବାସହ ଜାନୁଆରୀ ୨ରେ ପ୍ରତ୍ୟେକ ବ୍ଲକରୁ ୧୦୦ ମଧ୍ୟରେ ମାଝୀ ହାଡ଼ାମମାନେ ଜନଗଣନାରେ ସାରନା ଧର୍ମ କୋର୍ଡ଼ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଇବା ନିମନ୍ତେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଏଥି ସହିତ ଡ଼ିସେମ୍ବର ୧୦ରେ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର କେନ୍ଦୁଜିଆଣି ଢ଼ିପାସାହିଠାରେ ଆଦିବାସୀମାନଙ୍କ ଭଗବାନ ତଥା ସହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିବା ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାଯିବା ସାଙ୍ଗକୁ ବିର୍ସା ମୁଣ୍ଡାଙ୍କୁ ସମ୍ପୂର୍ଣ୍ଣ ବ୍ରୋଞ୍ଜ ମୂର୍ତ୍ତିକୁ ରାଜ୍ୟ ସରକାର ତିଆରି କରି ଉକ୍ତ ସ୍ଥାନରେ ସ୍ଥାପନ କରାଇବା ପାଇଁ ଦାବି କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ସୋରେନ, ସୁନୀଲ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି, ପ୍ରଭୂଦାନ ମାର୍ଣ୍ଡି, ଚକ୍ରଧାର ସିଂ, ରାମଚନ୍ଦ୍ର ହେମ୍ବ୍ରମ, ସୁଦାମ ହେମ୍ବ୍ରମ, ସାହେବ ରାମ ମାର୍ଣ୍ଡି, ଜଟିଆ ମାର୍ଣ୍ଡି, ରାଇସେନ ମୁର୍ମୁ, ଚିନ୍ତାମଣି ଟୁଡୁ, ବିକ୍ରମ ମୁର୍ମୁ, ମଦନ ମୋହନ ଟୁଡୁ, ଅନନ୍ତ ମୁର୍ମୁ, ଗୁଡ୍ରା ମାଝୀ, ପାରେଶ୍ୱର ମୁର୍ମୁ, କାମରାଜ ସୋରେନ, ପ୍ରତାପ ସୋରେନ, ଲକ୍ଷ୍ମଣ ମାଝୀ, ବାଜୁନ ସୋରେନ, ଅର୍ଜୁନ ମୁର୍ମୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ । ଶେଷରେ ରାଜ୍ୟ ମହିଳା ନେତ୍ରୀ ଶ୍ରୀମତୀ ସୋରେନ ମୟୂରଭଞ୍ଜ ପୂର୍ବ ଓ ପଶ୍ଚିମ ସାଙ୍ଗଠନିକ ଜିଲ୍ଲାର ସଭାନେତ୍ରୀ ଭାବେ ମୋର୍ଚ୍ଚନା ଦାସପଟ୍ଟନାୟକ ଓ ସରୋଜିନୀ ମୁର୍ମୁଙ୍କ ନାମ ଘୋଷଣା କରିଥିଲେ ।

# ନୀଳାଦ୍ରିବିହାର ଠାରେ କୁମାର ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ ଓ ବିଧାୟକ



ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱର (ଉ ର) ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ବିଏମ୍‌ସି ର ୧୪ ନମ୍ବର ୱାର୍ଡରେ ରହୁଥିବା ବେଣୁଧର ଭୋଳ ଓ ମିନତୀ ଭୋଳଙ୍କ ସୁପୁତ୍ର କୁମାର ବିଶ୍ୱରଞ୍ଜନ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉ ର୍ତ୍ତ୍ଣ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ହେଉଥିବା ଏହି ପରୀକ୍ଷାରେ ୧୮୨ ତମ ସ୍ଥାନରେ ରହି ଓଡିଶା ପାଇଁ ଗର୍ବ, ଗୌରବ ଓ ସମ୍ମାନ ଆଣିଛନ୍ତି । ଏଭଳି ସଫଳତା ପରେ ନବ ନର୍ବାଚିତ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର (ଉ ର) ପୂର୍ବତନ ବିଧାୟକ ତଥା ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ନାରୀ ନେତ୍ରୀ ତଥା ସମାଜସେବୀ ଶ୍ରୀମତୀ ରୋଜାଲିନ୍ ପାଟ୍ଟଶାଣୀ ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଧାରଣ ସଂପାଦକ ଓ ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପ୍ରମୁଖ ତାଙ୍କ ବାସଗୃହକୁ ଯାଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି । ଶ୍ରୀ ସୁଜିତ୍ କୁମାର ଏହି ପରିପ୍ରେକ୍ଷିରେ କହିଛନ୍ତି ଯେ ବିଶ୍ୱରଞ୍ଜନଙ୍କ ସଫଳତା କେବଳ ଭୁବନେଶ୍ୱର ନୁହେଁ ସାରା ରାଜ୍ୟ ପାଇଁ ଗୌରବର ବିଷୟ । ନିମ୍ନ ମଧ୍ୟବି ପରିବାର ପିଲା କଠିନ ପରିଶ୍ରମ କରି କିଭଳି ସଫଳତାର ଶୀର୍ଷରେ ପହ୍ ହୁଏ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି କୁମାର ବିଶ୍ୱରଞ୍ଜନ । ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କିଭଳି ସଫଳତା ପାଇବା ପାଇଁ ଅର୍ଥ ଓ ଆଡମ୍ବରପୂର୍ଣ୍ଣ ଜୀବନଯାପନ ଆବଶ୍ୟକ ନୁହେଁ ତହାର ଏକ ଅନନ୍ୟ ଦୃଷ୍ଟାନ୍ତ କୁମାର ବିଶ୍ୱରଞ୍ଜନ । ନାରୀ ନେତ୍ରୀ ଶ୍ରୀମତୀ ରୋଜାଲିନ୍ ଆଗମୀ ଦିନରେ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏବଂ ଅର୍ଥାଭାବରୁ ଯେଭଳି ପାଠପଢାରେ କୌଣସି ବାଧା ନ ଉପୁଜେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ କରି ଏହାକୁ ଦୃଷ୍ଟି ଦେବା ଆବଶ୍ୟକ ବୋଲି ତାଙ୍କ ମନ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଡ. ପ୍ରକାଶ ଓ ସାଧାରଣ ସଂପାଦକ ଓ ସମାଜସେବୀ ବିଶ୍ୱଜିତ୍ ଏହା ଆମ ଅ ଳ ନୀଳାଦ୍ରିବିହାରକୁ ରାଜ୍ୟରେ ପରିଚିତ କରାଇବା ପାଇଁ ଅତ୍ୟନ୍ତ ସହାୟକ ହେବ ଓ ଏହା ଆମ ପାଇଁ ସମ୍ମାନ ଓ ଗୌରବର ବିଷୟ ଅଟେ । ପିତା ମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁଙ୍କ ପରାମର୍ଶ ଏବଂ ନିଜର ନିଷ୍ଠାପର ଉଦ୍ୟମ ପାଇଁ ଆଜି ସେ ସଫଳତାର ଶୀର୍ଷରେ ପହ ପାରିଛନ୍ତି । ଏହାକୁ ଆଧାର କରି ଆଗମୀ ଦିନରେ ସମାଜରେ ବସବାସ କରୁଥିବା ସାଧାରଣ ଲୋକ, ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଆମର ଆଶା ଓ ବିଶ୍ୱାସ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଜ୍ଜୁନ ଦେହୁରୀ, ଗୋବିନ୍ଦ କୁମାର, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । କୁମାର ବିଶ୍ୱ ରଞ୍ଜନ ତାଙ୍କ ମନ୍ତବ୍ୟରେ ସେ ପଢୁଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପିତାମାତା ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ ।

## ଉମୁରୀ ରେଲୱେ ଦ୍ୱିତୀୟ ଓଭର ବ୍ରିଜ କାମ ଆରମ୍ଭ

# ହାଇଡ୍ରୋଲିକ କମ୍ପ୍ରେସର ବ୍ୟବହାର କରି ଏହି ବ୍ରିଜ ହେଉଛି ସ୍ଥାନାନ୍ତର

ଜୟପୁର: ଜୟପୁର ଜାତୀୟ ରାଜପଥ ୨୬ର ଜୟପୁର - ବୋରିଗୁମ୍ମା ମଧ୍ୟରେ ଥିବା ଉମୁରୀ ରେଲୱେ ଦ୍ୱିତୀୟ ଓଭର ବ୍ରିଜ କାମ ଶନିବାର ଠାରୁ ଆରମ୍ଭ ହୋଇଛି । ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯେ କୌଣସି ଛୋଟ ହେଉ କି ବଡ ସାମଗ୍ରୀ ପରିବହନ କିମ୍ବା ସ୍ଥାନାନ୍ତରଣ ହେବା ଦେଖିଥିବେ । ଏଥି ପାଇଁ କ୍ରେନ ଠାରୁ ଆରମ୍ଭ କରି ଛୋଟ ବଡ ଗାଡି ବ୍ୟବହାର ହୋଇଥାଏ । ହେଲେ ଏକ ବିରାଟ କାୟ ରେଲୱେ ବ୍ରିଜ ବିନା କ୍ରେନ କିମ୍ବା ଗାଡି ସହାୟତାରେ ଅନ୍ୟ କୌଣସି ସ୍ଥାନକୁ କେବେ ସ୍ଥାନାନ୍ତରଣ ହେବା ଦେଖିନଥିବେ । ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରି ଏମିତି ଏକ ବିଶାଳକାୟ ରେଲୱେ ବ୍ରିଜ ଏବେ ଜୟପୁର ଠାରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହେଉଛି । ପାଖା ପାଖି ୧୫୦ ମିଟର ସ୍ଥାନାନ୍ତର ହେବାକୁ ଥିବା ବେଳେ ଏଥି ପାଇଁ ୭ ଦିନ ସମୟ ଲାଗିବ । ୫୦ ଫୁଟରୁ ଅଧିକ ଉଚ୍ଚ ଏବଂ ୧୫୦ ଫୁଟରୁ ଦୀର୍ଘ ଏହି ବ୍ରିଜ ସ୍ଥାନାନ୍ତର ପାଇଁ ହାଇଡ୍ରୋଲିକ ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଆଉ ଏହା ଦେଖିବାକୁ ସ୍ଥାନୀୟ ଅଂଚଳରେ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳୁଛି । ପୂର୍ବରୁ ହାଇଡ୍ରୋଲିକ ଜ୍ୟାକ ବ୍ୟବହାର କରି ଗୋଟିଏ ଘର କିପରି ଉପରକୁ ଉଠାଯାଇ ପାରୁଛି ତାହା ଭୁବନେଶ୍ୱର ଓ କଟକରେ ଦେଖୁଥିଲେ । ତେବେ ଏହି ବ୍ରିଜ କିପରି ସ୍ଥାନାନ୍ତର ହେଉଛି । ଏଥି ଲାଗି ଜିଲ୍ଲାପାଳ ମହମ୍ମଦ ଅବଦୁଲ ଅଖତରଙ୍କ ନିର୍ଦ୍ଦେଶରେ ଟ୍ରାଫିକ କଟକଣା ଜାରି କରାଯାଇଛି । ଭାରୀ ଯାନ ଏବଂ ହାଲୁକା ଯାନ ଚଳାଚଳ ଲାଗି ରୋଡ ଡାଇଭରସନ ଲାଗୁ କରାଯାଇଛି । କୋରାପୁଟରୁ ବୋରିଗୁମ୍ମା ଅଭିମୁଖେ ଆସୁଥିବା ଭାରୀଯାନ ରାଣୀ ଗଡ଼ ଘାଟି ରାସ୍ତା ଦେଇ ବୋରିଗୁମ୍ମା ଏସଡିପିଓ କାର୍ଯ୍ୟାଳୟ ପାଖରେ ଏନଏଚକୁ ବାହାରିବ । ସେହିପରି ଜୟପୁରରୁ ବୋରିଗୁମ୍ମା ଅଭିମୁଖେ ଯିବାକୁ ଥିବା ହାଲୁକା ଯାନ ଗୁଡିକ ଏନ ଏଚ କାର୍ଯ୍ୟାଳୟ ପାଖରୁ ରାସ୍ତା ମକାପୁଟ ଦେଇ ଉମୁରି ଏଫସିଆଇ ଗୋଦାମ ଛକରେ ବାହାରିବ । ସପ୍ତାହ ଯାଏ ଏପରି ଡାଇଭର୍ସନ ଦେଇ ଗାଡି ଚଳାଚଳ କରିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ପ୍ରଶାସନ ନିର୍ଦ୍ଦେଶରେ ୪ଟି ସ୍ଥାନରେ ଡାଇଭରସନ କରାଯାଇଛି । ଜୟପୁର ଏନଏ, ଡିଭିଜନ ଅଫିସ, ଉମୁରୀ ଏଫସିଆଇ ଗୋଦାମ, ବୋରିଗୁମ୍ମା ଏସଡିପିଓ କାର୍ଯ୍ୟାଳୟ ଏବଂ କୋରାପୁଟ ଟ୍ରାଫିକ ଛକ ଠାରେ ପୋଲିସ ଟେଂଟ ପକାଇ ବସି ଡାଇଭର୍ସନ ଦେଖାଉଥିବା ଜଣାଯାଇଛି । ଜୟପୁର-ଛତିଡପୁଟ ରେଳ ଲାଇନର ୭୨୯ ନମ୍ବର ଓଭର ବ୍ରିଜ ଉମୁରି ରେଲୱେ ବ୍ରିଜ କାମ ହାତକୁ ନିଆଯାଇ ଅଧିକ ଚଉଡା କରାଯାଉଛି । କାର୍ଯ୍ୟ ନିକଟରେ ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା, ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରମୁଖ ତଦାରଖ କରୁଛନ୍ତି ।

# ରାଜସ୍ଥାନରେ ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ମାଗଣା ଟୀକାକରଣ

**ଜୟପୁର: ରାଜସ୍ଥାନ ସରକାର ରାଜ୍ୟରେ ୧୮ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିଙ୍କ ପାଇଁ ମାଗଣା ଟୀକା ଦେବା ପାଇଁ ନିଷ୍ପତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ରବିବାର ଦ୍ୱିପହରକୁ ଏହି ନିଷ୍ପତି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ରବିବାର ଦ୍ୱିପହରରେ ଟ୍ୱିଟ୍ କରିଛନ୍ତି ଯେ, ରାଜସ୍ଥାନ ସରକାର ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ପାଖାପାଖି ୩୦୦୦ କୋଟି ଟଙ୍କା ଖର୍ଚ୍ଚ କରି ମାଗଣା କୋଭିଡ୍ ଟୀକାକରଣ ପାଇଁ ନିଷ୍ପତି ନେଇଛନ୍ତି । ସେ କେନ୍ଦ୍ର ସରକାରଙ୍କୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କହିବା ଅନୁସାରେ ଭାରତ ସରପାର ୬୦ ବର୍ଷ ଏବଂ ୪୫ ବର୍ଷରୁ ଅଧିକ ଲୋକଙ୍କ ପରି ୧୮ ବର୍ଷରୁ ଅଧିକ ଲୋକଙ୍କ ପାଇଁ ଟୀକାକରଣରଖର୍ଚ୍ଚ ବହନ କଲେ ରାଜ୍ୟର ବଜେଟ ବ୍ୟାହତ ହେବ ନାହିଁ । ରାଜ୍ୟ ସରକାରଙ୍କ ଏହି ନିଷ୍ପତି ଯୋଗୁଁ ଏହି ବର୍ଗର ପାଖାପାଖି ୩ କୋଟି ଲୋକଙ୍କୁ ସୁବିଧା ମିଳିବ ।**

# ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

# ବାରିପଦା ଆୟୁର୍ବେଦିକ୍ ମହାବିଦ୍ୟାଳୟ କେବେ ସରକାର ହାତକୁ ନେବେ

ବାରିପଦା: ବାରିପଦା ତଖତପୁରସ୍ଥିତ ଆୟୁର୍ବେଦିକ ମହାବିଦ୍ୟାଳୟର ପରିଚାଳନା ଓ ରକ୍ଷଣାବକ୍ଷେଣ ଭାର ସରକାର ହାତକୁ ନେବେ ଏହାକୁ ନେଇ ପ୍ରଶ୍ନ ଉଠିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଡ଼ିସେମ୍ବର ଓ ୨୦୧୯ ଜାନୁଆରୀରେ ବାରିପଦା ଛଉପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ନିଜ ହାତକୁ ନେବେ ବୋଲି ଘୋଷଣା କରିଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିଥିବା ଭଳି ମନେ ହେଉନାହିଁ । ଅଧିକନ୍ତୁ, ୨୦୧୬ ନଭେମ୍ବର ୮ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମହାବିଦ୍ୟାଳୟର ପରିଚାଳନା ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ଅନୁଦାନ ଯୋଗାଇ ଦେବାର ନିଷ୍ପତି ନିଆଯାଇଥିଲା ଏବଂ ୨୦୧୬ ଡ଼ିସେମ୍ବର ୧୨ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାବିଦ୍ୟାଳୟକୁ ସରକାରୀ ଅନୁଦାନ ମଞ୍ଜୁର ହୋଇ ଥିଲେ ମଧ୍ୟ ଅଦ୍ୟାବଧି କାଣି କଉଡ଼ିଟିଏ ମିଳିପାରି ନାହିଁ । ସୂଚନା ଯୋଗ୍ୟ ଯେ, ଆୟୁର୍ବେଦିକ ମହାବିଦ୍ୟାଳୟ ୧୯୮୩ରେ ସ୍ଥାପିତ ହୋଇଥିବା ବେଳେ ଏକ ସରକାରୀ କମିଟି ଦ୍ୱାରା ପରିଚାଳିତ ହେଉଥିଲା । ମାତ୍ର ପରବର୍ତ୍ତି ସମୟରେ ପରିଚାଳନା କମିଟି ଉକ୍ତ ମହାବିଦ୍ୟାଳୟର ପରିଚାଳନା ଦାୟିତ୍ୱ ସମ୍ଭାଳିବା କ୍ଷେତ୍ରରେ ଅସମର୍ଥ ହୋଇଥିବାରୁ ଓଡ଼ିଶା ସରକାର ଏହାକୁ ନିଜ ହାତକୁ ନେବାର ସ୍ଥିର କରିଥିଲେ । ଏ ସମ୍ବନ୍ଧରେ ୨୦୦୫ ଡ଼ିସେମ୍ବର ୨୦ରେ ତତ୍କାଳୀନ ଜିଲ୍ଲାପାଳ ଭି କେ କାର୍ତିକେୟନ ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ସର୍ବସମ୍ମତିକ୍ରମେ ଆୟୁର୍ବେଦିକ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସରକାରୀ ମାନ୍ୟତା ଦେବାକୁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏବିଷୟରେ ସ୍ଥାନୀୟ ସାଂସଦ, ବିଧାୟକ, ପରିଚାଳନା କମିଟି ଓ ବୁଦ୍ଧିଜୀବୀମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିବା ସମୟରେ ୨୦୦୮ରେ କେନ୍ଦ୍ର ସରକାର ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀମାନଙ୍କ ନାମଲେଖାକୁ ପ୍ରତ୍ୟାହାର କରାଇନେଇଥିଲେ । ଫଳରେ ମହାବିଦ୍ୟାଳୟରେ ତାଲା ଝୁଲିବାର ରାସ୍ତା ଫିଟାଇ ଦେଇଥିଲା । ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଡ଼ିସେମ୍ବର ଓ ୨୦୧୯ ଜାନୁଆରୀରେ ବାରିପଦା ଛଉପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ନିଜ ହାତକୁ ନେବେ ବୋଲି ଘୋଷଣା କରିଥିଲେ । ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟ ସମାଜ ଦୃଷ୍ଟିକୋଣରୁ ଅନେକ ଗୁରୁତ୍ୱ ବହନ କରୁଛି । ଶିମିଳିପାଳ ଜୈବମଣ୍ଡଳ ପାଦ ଦେଶରେ ଅବସ୍ଥିତ ହୋଇଥିବା ସମୟରେ ଶିମିଳିପାଳ ଆୟୁର୍ବେଦିକ ଔଷଧୀୟ ବୃକ୍ଷର ଗନ୍ତାଘର ଓ ଏହା ଉତର ଓଡ଼ିଶାରେ ଏକ ମାତ୍ର ଆୟୁର୍ବେଦିକ ଶିକ୍ଷାଅନୁଷ୍ଠାନ ମଧ୍ୟ । ଏଣୁ ଅଧିକ ବିଳମ୍ବ କରା ନ ଯାଇ ମୁଖ୍ୟମନ୍ତ୍ରୀ ନବୀନ ନିଜ ଘୋଷଣା ଅନୁସାରେ ଓଡ଼ିଶା ସରକାର ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ନିଜ ହାତକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅମୂଲ୍ୟ ଔଷଧୀୟ ବୃକ୍ଷର ଏକ ହାର୍ବାଲ ଗାର୍ଡ଼େନ ଓ ଗବେଷଣାଗାର ପାଇଁ କ୍ଷେତ୍ର ପ୍ରସ୍ତୁତ କରାଇବା ନିମନ୍ତେ ଜନସାଧାରଣରେ ଦାବୀ କରାଯାଇଛି । ଏଥିସହିତ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟ ସୁପରିଚାଳିତ ହେଲେ ଅନେକ ଡ଼ାକ୍ତର, ଗବେଷକ ସୃଷ୍ଟି ହୋଇ ଜନତାଙ୍କ ସେବା କରିପାରିବେ । ଆୟୁର୍ବେଦିନ ବିଦ୍ୟା ପ୍ରାଚୀନ ଭାରତର ବିଦ୍ୟା । ଏଣୁ ଏହାର ପୁର୍ନଉଦ୍ଧାର କରାଇବା ସହ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବେ ବୋଲି ଜିଲ୍ଲାବାସୀ ଆସ୍ଥା ପ୍ରକଟ କରିଛନ୍ତି । ଏବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ା ଆଦିତ୍ୟ କୁମାର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହାବିଦ୍ୟାଳୟର କମିଟିରେ ସଭାପତି ଜିଲ୍ଲାପାଳ ରହିଛନ୍ତି ଏବଂ ଠିକ୍ ସରକାରୀ ମହାବିଦ୍ୟାଳୟ ଭଳି ପରିଚାଳିତ ହୋଇ ଆସୁଥିଲା । ମାତ୍ର କେନ୍ଦ୍ର ସରକାର ମହାବିଦ୍ୟାଳୟରେ ନାମଲେଖାକୁ କୌଣସି କାରଣ ନ ଥାଇ ପ୍ରତ୍ୟାହାର ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେବେ ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ହାତକୁ ନେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ଉଚ୍ଚସ୍ତରୀୟ ବୈଠକ ଡ଼କାଇ ଆଲୋଚନା ଜାରି ରଖିଛନ୍ତି । ଏଥି ସହିତ ଏକ କମିଟି ବାରିପଦା ଗସ୍ତରେ ଆସି ମହାବିଦ୍ୟାଳୟ ପରିଦର୍ଶନ କରି ଫେରିଯାଇଛନ୍ତି ଏବଂ ସାକାରାତ୍ମକ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଇଥିବାର ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଉପରେ ଆସ୍ଥା ପ୍ରକଟ କରି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରିଆସୁଥିବା ବେଳର ମହାବିଦ୍ୟାଳୟ ସଙ୍ଗଲଗ୍ନ ହସପିଟାଲରେ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ଜାରି ରହିଛି ବୋଲି କହିଛନ୍ତି ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

**ଭୁବନେଶ୍ୱର:** ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୮୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୨୬,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

**ଭୁବନେଶ୍ୱର:** କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୭୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୦୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ବର୍ଷା ଜଳ ନିଷ୍କାସନ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକ ଚିକିତ୍ସାଧିନ ଅବସ୍ଥାରେ ମୃତ

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ଦାବିରେ ଫାଣ୍ଡି ଆଗରେ ଶବ ରଖି ଧାରଣା

ଧର୍ମଶାଳା: ଗୁରୁବାର ଦିନ ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ୧୨ ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ସୃଷ୍ଟି ହୋଇ ୬ ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଏହି ୧୨ ନଂ ୱାର୍ଡର ଗଣେଶ୍ୱର ସେଠୀଙ୍କ ପୁଅ ଅମର(୩୬) ବୋଲି ଜଣାପଡିଛି । ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା । ଆଜି ଅପରାହ୍ନରେ ତାଙ୍କ ଶବ ବ୍ରହ୍ମବରଦାରେ ପଂହଚିବା ପରେ ପରିବାର ଲୋକଙ୍କ ସହ ଏହି ୱାର୍ଡର ଶତାଧିକ ମହିଳା ଓ ପୁରୁଷମାନେ ବ୍ରହ୍ମବରଦା ଫାଣ୍ଡି ଆଗରେ ଶବ ରଖି ଧାରଣାରେ ବସିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ବିଧବା ପରିବାରକୁ କ୍ଷତି ପୁରଣ ନିମନ୍ତେ ଦାବି କରିଥିଲେ । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଘଟଣାସ୍ଥଳରେ ପଂହଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟାନୁଷ୍ଠାନ ନେବା ସହ ସରକାରୀ ନିୟମ ଅନୁଯାୟୀ ସହାୟତା ନେଇ ଆଲୋଚନା କରିବା ପରେ ଧାରଣାକାରୀ ଧାରଣାରୁ ଉଠିଥିଲେ । ଏବଂ ସନ୍ଧ୍ୟାରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିବା ଜଣାପଡିଛି । ମୃତ ଅମରଙ୍କର ୨ ପୁଅ ଥିବା ଜଣାପଡିଛି । ମୃତ ଅମର ରାଜମନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ । ପୂର୍ବରୁ ଏହି ଘଟଣାରେ ଧର୍ମଶାଳା ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ସୂଚନା ଥାଉକି ଗୁରୁବାର ଦିନ ସକାଳେ କାଳବୈଶାଖୀର ପ୍ରଭାବରେ ବର୍ଷା ହୋଇଥିଲା । ଫଳରେ ଏହି ୱାର୍ଡର କାଳନ୍ଦୀ ସେଠୀଙ୍କ ଛାତ ଉପରେ ଜମି ରହୁଥିବା ବର୍ଷା ଜଳ ନିତଷ୍କାସିତ ସମୟରେ ଏହି ୱାର୍ଡର ହାଡିବନ୍ଧୁ ସେଠୀଙ୍କ ଘର ଦେଇ ପାଣି ଯାଉଥିଲା । ଯାହାକୁ ନେଇ ହାଡିବନ୍ଧୁଙ୍କ ପରିବାର ବିରୋଧ କରିଥିଲେ । ଏବଂ ଏହି ଘଟଣାକୁ ନେଇ ହାଡିବନ୍ଧୁଙ୍କ ପରିବାର ବ୍ରହ୍ମବରଦା ଅଂଚଳର ଭଦ୍ରଲୋକଙ୍କ ସହ ଆଲୋଚନା କରିଥିଲେ । ଭଦ୍ରଲୋକ ଏହି ସ୍ଥାନରେ ପଂହଚି ଘଟଣାର ତଦନ୍ତ କରିଥିଲେ । ଭଦ୍ରଲୋକଙ୍କ ସହ ଆଲୋଚନା ସମୟରେ କାଳନ୍ଦୀ ସେଠୀଙ୍କ ପରିବାର ଅମର, ଜଳଧର, ବଳରାମ ଓ ରାଜକୁମାର ପ୍ରମୁଖ ପ୍ରମୁଖ ଏହି ଘଟଣାକୁ ବିରୋଧ କରିବା ସହ ଟେକା ପଥର ଓ ଫାର୍ସାରେ ଆକ୍ରମଣ କରିଥିଲେ । ଫଳରେ ହାଡିବନ୍ଧୁଙ୍କ ପରିବାରର ରମା ଓ ରମାଙ୍କ ପତ୍ନୀ ସୁମିତ୍ରା, ସୁରେନ୍ଦ୍ରସୁବାଶ, ନବ, ସନ୍ତୋଷ ଓ ପ୍ରକାଶ ଗୁରୁତର ଆହତ ହୋଇଥିଲେ । ସମସ୍ତେ ନିଜ ଜୀବନ ରକ୍ଷା ନିମନ୍ତେ ପାଲଟା ଟେକା ପଥର ମାଡ କରିଥିଲେ । ଏହି ଘଟଣାରେ ଉଭୟ ପକ୍ଷରୁ ମୋଟ ୬ ଜଣ ଗୁରୁତର ଆହତ ହୋଇଥିଲେ ।




# ୨୧୯ଟି ସ୍ଥାନରେ ସ୍ୱୟଂସେବକମାନଙ୍କ ଦ୍ୱାରା କୋଭିଡ ହସ୍ପିଟାଲରେ ପ୍ରଶାସନକୁ ସହଯୋଗ



ଭୁବନେଶ୍ୱର/ନୂଆଦିଲ୍ଲୀ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେଦକର କହିଛନ୍ତି ଯେ, କରୋନାର ଏହି ପ୍ରଚଣ୍ଡ ଆକ୍ରମଣ ଦ୍ୱାରା ଦେଶର ଅନେକ ସ୍ଥାନ ପ୍ରଭାବିତ ହୋଇଛି । କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ସମସ୍ତଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଡାକ୍ତର, ଅନ୍ୟାନ୍ୟ ଚିକିତ୍ସା କାର୍ଯ୍ୟ, ଅମ୍ଳଜାନ ଯୋଗାଣରେ ନିୟୋଜିତ କର୍ମଚାରୀ ଏବଂ ସୁରକ୍ଷା ଓ ସ୍ୱଚ୍ଛତା କର୍ମଚାରୀଙ୍କ ସମେତ ସମସ୍ତ କରୋନା ଯୋଦ୍ଧାଙ୍କର ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ସେ କହିଛନ୍ତି ଯେ ଆମ ସମାଜର ସମବେଦନା ଓ ସକ୍ରିୟତା ଆଶ୍ଚର୍ଯ୍ୟଜନକ ଅଟେ । ସେମାନେ ନିଜ ଜୀବନକୁ ବିପଦରେ ପକାଇ ସଂକଟ ସମୟରେ କାର୍ଯ୍ୟ କରୁଛନ୍ତି । ପରିସ୍ଥିତି ଭୟଙ୍କର ହୋଇଥିଲେ ମଧ୍ୟ ଭାରତରେ ସମାଜର ଶକ୍ତି ମଧ୍ୟ ବହୁତ ବଡ । ଡିଜିଟାଲ ମାଧ୍ୟମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ସେବାଭାରତୀ ଦ୍ୱାରା ପରିଚାଳିତ ହେଉଥିବା ସେବା କାର୍ଯ୍ୟ ବିଷୟରେ ସୁନୀଲ ଆମ୍ବେଦକର ସୂଚନା ପ୍ରଦାନ କରିଥିଲେ । ସେ କହିଛନ୍ତି ଯେ, ସବୁଥର ପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ସେବା ଭାରତୀ ସହିତ ଅନ୍ୟ ସଂଗଠନ ଗୁଡିକ ପ୍ରଭାବିତ ଅଂଚଳର ପରିବାର ଲୋକଙ୍କ ନିକଟରେ ସାହାଯ୍ୟ ପହଁଚାଇବା ପାଇଁ କାର୍ଯ୍ୟ କରୁଛନ୍ତି । ଆବଶ୍ୟକତା ଅନୁଯାୟୀ ସଂଘ ଉଦ୍ୟମରେ ଅଗ୍ରାଧିକାର ଭିତିରେ ଅନେକ ପ୍ରକାରର କାର୍ଯ୍ୟ ଆରମ୍ଭ ହୋଇଛି । ସେ କହିଛନ୍ତି ସଂଗରୋଧ କେନ୍ଦ୍ର, ପଜେଟିଭ ରୋଗୀଙ୍କ ପାଇଁ କୋଭିଡ କେୟାର କେନ୍ଦ୍ର, ସରକାରୀ କୋଭିଡ କେନ୍ଦ୍ର ଏବଂ ଡାକ୍ତରଖାନାରେ ସହାୟତା, ସହାୟତା ପାଇଁ ଦୂରଭାଷ (ହେଲ୍ପଲାଇନ ନମ୍ବର), ରକ୍ତଦାନ,ପ୍ଲାଜମା ଦାନ, ଅନ୍ତିମ ସଂସ୍କାର, ଆୟୁର୍ବେଦିକ କାଢା ବିତରଣ, କାଉନସେଲିଂ, ଅମ୍ଳଜାନ ଯୋଗାଣ, ଆମ୍ବୁଲାନ୍ସ ସେବା, ଖାଦ୍ୟ ବିତରଣ, ରାସନ ବତରଣ, ମାସ୍କ ବିତରଣ, ଟିକାକରଣ ଅଭିଯାନ ଏବଂ ସଚେତନତା ଭଳି ଆବଶ୍ୟକୀୟ କାର୍ଯ୍ୟ ତୁରନ୍ତ ବିଭିନ୍ନ ପ୍ରଦେଶରେ ସ୍ୱୟଂସେବକମାନଙ୍କ ଦ୍ୱାରା ପ୍ରାଥମିକତା ଭିତିରେ ଆରମ୍ଭ କରାଯାଇଛି । ସ୍ଥାନୀୟ ପ୍ରଶାସନକୁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି । ଯାହା ଦ୍ୱାରା ସମସ୍ତେ ମିଶି ଏହି ଆହ୍ୱାନର ମୁକାବିଲା କରିବା ସହିତ ବିଜୟପ୍ରାପ୍ତ କରି ପାରିବେ । ଇନ୍ଦୋରରେ ସରକାରୀ, ବେସରକାରୀ ଡାକ୍ତରଖାନା, ରାଧା ସ୍ୱାମୀ ସତସଙ୍ଗ ଆଦିଙ୍କ ସହଯୋଗରେ ସଂଘ ଉଦ୍ୟମରେ ଦୁଇ ହଜାର ଶଯ୍ୟା ବିଶିଷ୍ଟ କୋଭିଡ କେନ୍ଦ୍ର ସରକାର ତଥା ସମାଜର ସମନ୍ୱିତ କାର୍ଯ୍ୟର ଉତ୍କୃଷ୍ଟ ଉଦାହରଣ ପାଲଟିଛି । ସେ କହିଛନ୍ତି ସ୍ୱୟଂସେବକ ମାନଙ୍କ ଦ୍ୱାରା ୪୩ଟି ପ୍ରମୁଖ ସହରରେ କୋଭିଡ ସେବା କେନ୍ଦ୍ରଗୁଡିକ ପରିଚାଳିତ ହେଉଛି । ଅନ୍ୟ ୨୧୯ଟି ସ୍ଥାନରେ କୋଭିଡ ଡାକ୍ତରଖାନାରେ ପ୍ରଶାସନକୁ ସହଯୋଗ କରାଯାଉଛି । ଟିକାକରଣ ପାଇଁ ଦଶ ହଜାରରୁ ଅଧିକ ସ୍ଥାନରେ ସଚେତନତା ଅଭିଯାନ ସହିତ ୨୪୪୨ ଟୀକାକରଣ କେନ୍ଦ୍ର ଆରମ୍ଭ ହୋଇଛି । ସେ କହିଛନ୍ତି ଯେ ଏହି କାର୍ଯ୍ୟରେ ସମାଜର ସମସ୍ତ ଲୋକଙ୍କ ସହଯୋଗ ଆବଶ୍ୟକ ଏବଂ କରୋନା ପ୍ରକୋପ ଉପରେ ଶାସନ-ପ୍ରଶାସନ ଓ ସମାଜର ସମନ୍ୱିତ ପ୍ରୟାସରେ ଭାରତ ବିଜୟୀ ହେବ । ଏକ ପ୍ରଶ୍ନର ଉ□ରରେ ସେ କହିଛନ୍ତି ଯେ, ଆବଶ୍ୟକତା ଅନୁଯାୟୀ ପ୍ଲାଜମା, ରକ୍ତଦାନ କାର୍ଯ୍ୟରେ ସହଯୋଗ କରାଯାଉଛି । କେତେକ ସ୍ଥାନରେ ସମ୍ଭାବ୍ୟ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି । ଦିଲ୍ଲୀରେ ରକ୍ତଦାତାଙ୍କ ସୂଚୀ ଉପଲବ୍ଧ । ପୁଣେରେ ୬୦୦ ଲୋକ ଏକ ଜନସଚେତନତା ଅଭିଯାନ ମାଧ୍ୟମରେ ପ୍ଲାଜମା ଦାନ କରିଥିଲେ, ଯାହା ୧୫୦୦ ଲୋକଙ୍କ ଜୀନବ ରକ୍ଷା କରିବାରେ ସାହାଯ୍ୟ କରିଥିଲା । ଅନ୍ୟ ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ, ବିଭିନ୍ନ ସହରରେ ବୃଦ୍ଧ ଏବଂ ଏକାକୀ ରହୁଥିବା ଲୋକଙ୍କୁ ଧ୍ୟାନରେ ରଖି ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି । ଏହା ମାଧ୍ୟମରେ ଉକ୍ତ ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ଏବେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ହୋଇଛି । ଯାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନେକ ସ୍ଥାନ ଥିବା ବେଳେ ଥଣ୍ଡା ପାନୀୟ ବ୍ୟବସ୍ଥା ପାଇଁ ଏଭଳି ଏକ ସ୍ଥାନକୁ କାହିଁକି ବଛା ଗଲା ତାହା ବୁଝାପଡୁନାହିଁ । ସେହି କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ପ୍ରବଳ ଖରାରେ ଛିଡା ହୋଇ ଥଣ୍ଡା ପାନୀୟ ଜଳ ସଂପୃକ୍ତ ସ୍ଥାନରୁ ପିଇବେ । ଏହା ଲୋକଙ୍କ ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପକାଇବ । ଲୋକେ ସେଠାରୁ ପାଣି ପିଇବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ । ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ ହୋଇଥିବା ଦେଖିବାକୁ ମିଳିଛି । ଫଳରେ ସେହିଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଏଭଳି ବ୍ୟବସ୍ଥାର ତୁରନ୍ତ ପରିବ□ନ କରାଯିବା ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି କରାଯାଇଛି ।

## ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା




ଆନନ୍ଦପୁର (ପିଏନ୍): ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବାକୁ ଲାଗିଲାଣି । କେତେବେଳେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ସଙ୍କଟାପନ୍ନ ଅବସ୍ଥା ତ ଆଉ କେତେବେଳେ ଡାକ୍ତର ଅଭାବରୁ ରୋଗୀ ସେବାରେ ଘୋର ବ୍ୟାହତ ଭଳି ପରିସ୍ଥିତି ଦେଖିବାକୁ ମିଳୁଛି । କରୋନା ମହାମାରୀ ସମୟରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଘୋର ବିଭ୍ରାଟ ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଏବେ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି । କରୋନା ଲକ୍ଷଣ ଥିବା ରୋଗୀଙ୍କ ଆ□ଜେନ୍ ଟେଷ୍ଟ ଯା□ କରାନଯାଇ ସିଧାସଳଖ ଆଡମିସନ କରାଯାଇ ସାଧାରଣ ରୋଗୀଙ୍କ ସହିତ ଚିକିତ୍ସା କରାଯିବା ଭଳି ଘଟଣା ଆଲୋଚନାର ବିଷୟ ସାଜିଛି । କରୋନା ରୋଗୀ ଓ ସାଧାରଣ ରୋଗୀ ଗୋଟିଏ ସ୍ଥାନରେ ରହି ଚିକିତ୍ସିତ ହେଉଛନ୍ତି । ଚିକିତ୍ସା ସମୟରେ କର୍ମଚାରୀଙ୍କ ପାଇଁ ସୁରକ୍ଷା ଉପକରଣ ବ୍ୟବସ୍ଥା ନଥିବାରୁ ସଂକ୍ରମଣ ବୃଦ୍ଧିର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । କରୋନା ଟେଷ୍ଟ କରାଯାଇ ରୋଗୀଙ୍କୁ ସିଧାସଳଖ ଆଡମିସନ କରାଯିବା ଦ୍ୱାରା କର୍ମଚାରୀମାନେ ଚିକିତ୍ସା ସମୟରେ ସଂକ୍ରମଣର ଶିକାର ହୋଇ ଏହାର ପ୍ରସାରଣ କରିବାର ସଙ୍କଟ ଦେଖା ଦେଇଛି । ଏଭଳି ବ୍ୟତିକ୍ରମ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଚର୍ଚ୍ଚା ବି ଜୋର ଧରିଛି । ଗତକାଲି ଜଣେ ମହିଳାଙ୍କର କରୋନାର ସମସ୍ତ ଲକ୍ଷଣ ଥିବା ସ□ େ ତାଙ୍କୁ ବିନା ଟେଷ୍ଟରେ ସାଧାରଣ ୱାର୍ଡ ନଂ ୧ କ୍ୟାବିନରେ ଚିକିତ୍ସା ପାଇଁ ରଖାଯାଇଥିଲା । ଦାୟୀତ୍ୱରେ ଥିବା ନର୍ସମାନେ ତାଙ୍କର ସମସ୍ତ ଚିକିତ୍ସା କରିଥିଲେ । ବିନା ଗ୍ଲୋବସରେ ସାରାଇନ୍, ଇଞ୍ଜେକ୍ସନ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରାଯାଇଥିଲା । ଭୁବନେଶ୍ୱର ଠାରେ ସ୍ୱାବ୍ ଟେଷ୍ଟ ହୋଇଥିବା ସଂପୃକ୍ତ ମହିଳାଙ୍କର ପଜିଟିଭ୍ ଲକ୍ଷଣ ଥିବା ଆଲୋଚନା ହେଉଛି । ସଂପୃକ୍ତ ମହିଳାଙ୍କୁ ଚିକିତ୍ସା କରିଥିବା ନର୍ସମାନେ ସାଧାରଣ ୱାର୍ଡରେ ବିଭିନ୍ନ ରୋଗୀଙ୍କର ଚିକିତ୍ସା ସେବା ମଧ୍ୟ ଯୋଗାଉଛନ୍ତି । ଏଭଳି କ୍ଷେତ୍ରରେ ରୋଗୀଙ୍କ ପରିବାରବର୍ଗଙ୍କ କ୍ଷେତ୍ରରେ ଭୟର ବାତାବରଣ ପରିଲକ୍ଷିତ ହୋଇଛି । ଫଳରେ କୋରନାର ଏକ୍ତୁଡିଶାଳ ପାଲଟିବାକୁ ଯାଉଥିବା ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ପୋଲିସ୍ ଉପସ୍ଥିତିରେ ଜମି ମାପ ସମୟରେ ସଂଘର୍ଷ, ୫ ଆହତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ଡଅଁର ଗ୍ରାମର ରଂଜନ ଜେନାଙ୍କ ଜମିକୁ ନେଇ ବିବାଦ ଲାଗିଥିବା ବେଳେ ସରକାରୀ ନିୟମ ମୁତାବକ ପୋଲିସ୍ ଉପସ୍ଥିତିରେ ଚିହ୍ନଟ କରାଯାଉଥିବା ସମୟରେ ଅପରପକ୍ଷ ଉପସ୍ଥିତ ରହିଥିଲେ । ମାପ ଅନୁଯାୟୀ ବାଡି ପୋତା ଯିବାବେଳେ ରଂଜନ ଠିଆ ହୋଇଥିଲା । ଏହି ସମୟରେ ହଠାତ୍ ଚାନ୍ଦିଆ ଜେନା ରଂଜନଙ୍କୁ ଗାଳିଗୁଲଜ କରିଥିଲା । ଏହାକୁ ନେଇ ଯୁକ୍ତିତର୍କ ହେବାରୁ ଚିନ୍ତା ଜେନା, ପାଣ୍ଡୁଆ ଜେନା, ବାବୁଲି ଜେନା, ଟେରୁ ଜେନା, ପାଗଳ ଜେନା ପ୍ରମୁଖ ରଂଜନଙ୍କୁ ମାଡ ମାରିଥିଲେ । ଚାନ୍ଦିଆ ଧରିଥିବା ଏକ ଭୁଜାଲିରେ ରଂଜନ ବେକକୁ ହାଣି ଦେବାକୁ ଉଦ୍ୟମ କରୁଥିବା ବେଳେ ତାହା ମୁଣ୍ଡରେ ବାଜିଥିଲା । ଫଳରେ ମୁଣ୍ଡ ଫାଟି ଯାଇ ରକ୍ତସ୍ରାବ ହୋଇଥିଲା । ପରେ କୀ□ନ ଜେନା, କାମିନୀ ଜେନା ଓ ଜଗା ଜେନା ପ୍ରମୁଖଙ୍କୁ ମାଡ ମାରି ଆହତ କରିଥିଲେ । ଏହି ସମୟରେ ପୋଲିସ୍ କର୍ମଚାରୀ ଉପସ୍ଥିତ ରହିଥିଲେ । ଏହାକୁ ନେଇ ରଂଜନ ଜେନା ନନ୍ଦିପଦା ଥାନାରେ ଏକ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଆହତଙ୍କୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ଏହାର ତଦନ୍ତ ଚାଲିଛି । ଏହି ଘଟଣାକୁ ନେଇ ଏଠାରେ ଉ□ଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।

# ତ୍ରାଣକର୍ତ୍ତା ସାଜିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ





ଯଦି ଜାତିର ପରିଚୟ ଖୋଜାଯାଏ ତେବେ ସାରା ବିଶ୍ୱରେ ସ୍ୱର୍ଗତ ବିଜୁବାବୁଙ୍କ ନାମ ଆଗଧାଡ଼ିରେ ଆସିଯାଏ । ସେ ଥିଲେ ବିଜୟ ଓ ଆନନ୍ଦର ସମାହାର । ସେ କହୁଥିଲେ ସ୍ୱପ୍ନ ନଦେଖିଲେ ବାସ୍ତବତାର ପରିକଳ୍ପନା ଅସମ୍ଭବ। ଓଡ଼ିଶାକୁ ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ କରିବାର ସ୍ୱପ୍ନ ତାଙ୍କୁ ଜାଗ୍ରତ କରି ରଖୁଥିଲା । ଓଡ଼ିଶାକୁ ନେଇ ବିଜୁବାବୁଙ୍କ ସ୍ୱପ୍ନ, ସଂଗ୍ରାମ, ସଂକଳ୍ପ ତଥା ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ବଞ୍ଚାଇ ରଖିବାଲାଗି ତାଙ୍କର ଉଦ୍ୟମ ଆଜିବି ଅମୃତର ଧାରାରେ ଧାବମାନ । ମହତ ଉଦ୍ଦେଶ୍ୟ ଅବଶ୍ୟ ଫଳବତୀ ହୋଇଥାଏ, ଯାହା ଆଜି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରମାଣିତ । ତାଙ୍କ ସ୍ୱପ୍ନର ଓଡ଼ିଶାରେ ଥିବା ମହାନୁଭବତା, ସାମ୍ୟ, ସହନଶୀଳ ମନୋଭାବ ତଥା ପଡ଼ୋଶୀ ପଡ଼ୋଶୀ ଭିତରେ ଭ୍ରାତୃତ୍ୱର ସଦ୍‌ଭାବ । ଆମେ ସମସ୍ତେ ମିଶି ଓଡ଼ିଶା ରାଜ୍ୟକୁ ଏଭଳି ଗଢ଼ି ତୋଳିବା ଯେମିତି ସାରା ପୃଥିବୀରେ ଲୋକ କହି ଉଠିବେ ଯେ ଓଡ଼ିଶା ହେଉଛି ଆମ ସ୍ୱପ୍ନର ରାଜ୍ୟ। ଉପରୋକ୍ତ ସ୍ୱପ୍ନାଭିଳାଷ ଆଜି ବାସ୍ତବରେ ରୂପ ନେବାରେ ଲାଗିଛି। ବାପ ଗୁଣେ ପୁଅ । ବାପାଙ୍କର ସବୁ ସ୍ୱପ୍ନ ଚରିତାର୍ଥ କରିବାରେ ଅହରହ ଉଦ୍ୟମ କରୁଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଓଡ଼ିଶା ଜାତି ଓ ଓଡ଼ିଶାର ବିକାଶ ହିଁ ତାଙ୍କର ଐକାନ୍ତିକ ଇଚ୍ଛା । ବର୍ତ୍ତମାନ ସମଗ୍ର ବିଶ୍ୱ କରୋନାର କରାଳଛାୟାରେ କବଳିତ । ଏହି କରୋନା ବଳୟରେ ଅମ୍ଳଜାନର ଘୋର ଅଭାବ ସୃଷ୍ଟି ହୋଇଛି ଅନେକ ରାଜ୍ୟରେ । ଏଭଳି ସଙ୍କଟ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତ୍ରାଣକର୍ତ୍ତା ସାଜି "ବହୁଜନ ହିତାୟ, ବହୁଜନ ସୁଖାୟ" ଧାରାରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜନୈତିକ, ଆଦର୍ଶ, ମତପାର୍ଥକ୍ୟ ସତ୍ୱେ ଆପଦ କାଳରେ ବନ୍ଧୁ ସାଜି ଅନ୍ୟ ରାଜ୍ୟମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ସାମ୍ପ୍ରତିକ ସମୟରେ ଦେଶର ସବୁଠାରୁ ଦୀର୍ଘକାଳ ଧରି କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ନବୀନବାବୁ ଅନ୍ୟ ରାଜ୍ୟର ସୁଖଦୁଃଖରେ ମୁରବୀ ପରି ଠିଆ ହୋଇଛନ୍ତି । 'ବସୁଧୈବ କୁଟୁମ୍ବକମ୍' ଉକ୍ତିକୁ ଯଥାର୍ଥ ଭାବରେ ପ୍ରତିପାଦନ କରି ଅନ୍ୟ ରାଜ୍ୟକୁ ଅକ୍ସିଜେନ୍ ପଠାଇ ବହୁ ଅକ୍ସିଜେନ ରୋଗୀଙ୍କୁ ଆସନ୍ନ ମୃତ୍ୟୁମୁଖରୁ ରକ୍ଷା କରିଛନ୍ତି । ଗତ ୨୪ଘଣ୍ଟା ମଧ୍ୟରେ ବିଭିନ୍ନ ରାଜ୍ୟକୁ ୧୫ଟି ଟ୍ୟାଙ୍କର ଜରିଆରେ ଅକ୍ସିଜେନ୍ ଯୋଗାଇ ଦେଇଛନ୍ତି । ମହାରାଷ୍ଟ୍ର, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ବିହାରକୁ ୨୫୦ ଟନ୍ ମେଡିକାଲ ଅକ୍ସିଜେନ୍ ଯୋଗାଇଛନ୍ତି ଓଡ଼ିଶାରୁ । ଓଡ଼ିଶାର ଏକ ମହାନ ପଦକ୍ଷେପକୁ କେନ୍ଦ୍ର ତଥା ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିଛନ୍ତି । ଅକ୍ସିଜେନ ଟ୍ୟାଙ୍କରକୁ ସୁରକ୍ଷିତ ଭାବେ ଅନ୍ୟ ରାଜ୍ୟକୁ ପହଞ୍ଚାଇବାରେ ଓଡ଼ିଶା ପୋଲିସ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର କରିଡର ପ୍ରସ୍ତୁତ କରିଛି । ନବୀନବାବୁଙ୍କ ଏହି ପଦକ୍ଷେପକୁ ସାରା ଦେଶ ଏପରିକି ଆମେରିକା ପ୍ରଶଂସା କରୁଥିବା ବେଳେ ସଙ୍କଟ ବେଳେ ସଂଜୀବନୀ ଯୋଗାଇ ନବୀନ ପାଲଟି ଯାଇଛନ୍ତି ରାଷ୍ଟ୍ରନାୟକ । ନବୀନବାବୁ ସଦାସର୍ବଦା ଲୋକଙ୍କ ଦୁଃଖରେ ଦୁଃଖୀ । ୨୦୧୮ରେ ମୁଖ୍ୟମନ୍ତ୍ରୀ ତିତ୍‌ଲି ବାତ୍ୟା ଓ ତତ୍ ପରବର୍ତ୍ତୀ ବନ୍ୟା କ୍ଷତିଗ୍ରସ୍ତଙ୍କ ଦୁଃଖରେ ମ୍ରିୟମାଣ ହୋଇ ନିଜର ଜନ୍ମଦିନ ପାଳିନଥିଲେ । ନବୀନ ଯେ ସବୁଦିନ ଅନନ୍ୟ ଏଥିରେ ସନ୍ଦେହ ନାହିଁ। ସେ ଯାହା ଚିନ୍ତା କରନ୍ତି, ତାହା ଅନ୍ୟକେହି ଚିନ୍ତା କରିନଥାନ୍ତି । ସେ ଯାହା କରନ୍ତି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇ ରହିଯାଏ । ନବୀନବାବୁଙ୍କ ଉତ୍ସର୍ଗୀକୃତ ମନୋଭାବକୁ ନେଇ ତାଙ୍କ ପ୍ରତି ଲୋକମାନଙ୍କ ଅତୁଟ ଜନସମର୍ଥନ ରହିଛି । ଯାହା ଗତ ମେ' ମାସ ୨୧ ତାରିଖରେ ଇକୋନୋମିକ୍ ଟାଇମ୍‌ସ ପ୍ରକାଶ କରିଛି । ତାଙ୍କ ସଫଳତା ମଧ୍ୟରେ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଯୋଜନା ଏକ ଯୁଗାନ୍ତକାରୀ, ସମଗ୍ର ବିଶ୍ୱରେ ପ୍ରଥମ ଏବଂ ଏ କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଅନୁକରଣୀୟ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ନିଜର ରାଜନୈତିକ ଜୀବନରେ ଅନେକ ସଫଳତା ଶୀର୍ଷକୁ ଉଠିଛନ୍ତି ନବୀନ । ପ୍ରଗତି ରଥର ସ୍ଥିରତା ଓ ଶାନ୍ତି ଦୁଇଟି ଚକ । ଆଜି ବିକାଶ ତ୍ୱରାନ୍ୱିତ । ସ୍ୱପ୍ନ ହୋଇଛି ସାକାର । ନିଷ୍ଠା ହୋଇଛି ଫଳପ୍ରଦ। ବଦଳି ଯାଇଛି ଓଡ଼ିଶା । ସମଗ୍ର ବିଶ୍ୱରେ ଆଜି ଓଡ଼ିଆ ଜାତି ପ୍ରତିଷ୍ଠିତ ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨

## ଗୋହିରା ନରେଗା ବୃକ୍ଷରୋପଣ ଯୋଜନାରେ ଘୋଟାଲା

ଗୋଳାବନ୍ଧ(ପିଏନ୍): ଘଷିପୁରା ବ୍ଲକରେ ଦୁର୍ନୀତିର ଯେତେ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ଶୁନ । ଦାୟିତ୍ୱରେ ଥିବା ସରକାରୀ ପଦାଧିକାରୀ ତଦାରଖରେ ଯାଉନାହାଁନ୍ତି, କାହା ଚାପରେ ପ୍ରଶାସନିକ ଅଧିକାରୀମାନେ ଚାପି ହୋଇଯାଉଛନ୍ତି ଏଭଳି ଅସମାହିତ ପ୍ରଶ୍ନ ଚାପା ଗୁଂଜରଣ ସୃଷ୍ଟି କରିଛି। ବାର୍ଦ୍ଧକ୍ୟ ଭ□ା, ଆବାସ ଯୋଜନା, ପୋଖରୀ, ଫାର୍ମ ପଣ୍ଡ ଭଳି ଅନେକ ଜନକଲ୍ୟାଣକାରୀ ଯୋଜନାରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି । ସଂପ୍ରତି ଗୋହିରା ପଂଚାୟତର ଇନ୍ଦୁପୁର ମୌଜାରେ ବୃକ୍ଷରୋପଣ ନାମରେ ପ୍ରାୟ ୯ଲକ୍ଷ ଟଙ୍କା ଉଠାଇ ନେବାକୁ ମସୁଧା ଆରମ୍ଭ ହୋଇଛି। ଜାୟୀତ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆସିଥିବା ୯ଲକ୍ଷ ଟଙ୍କାରେ ବୃକ୍ଷରୋପଣ ପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା । ଇନ୍ଦୁପୁର ମୌଜାର ଏକ ଖୋଲା ପଡିଆରେ ସରକାରୀ ନର୍ସରୀରୁ କେତେକ ଚାରା ଅଣାଯାଇ ରୋପଣ କରାଯାଇଥିବା ବେଳେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପାଣିର ଅଭାବରୁ ପ୍ରାୟ ୭୦% ଚାରା ଶୁଖି ନଷ୍ଟ ହୋଇଗଲାଣି। ଏହାସ□ େ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାର ଅନୁଦାନରୁ ୩ଲକ୍ଷ ଟଙ୍କାର ବିଲ୍ କରାଯାଇଥିବା ବେଳେ ଅବଶିଷ୍ଟ ୬ଲକ୍ଷ ଟଙ୍କା ବିଲ୍ କରି ଉଠାଇ ନେବାକୁ ମସୁଧା ଚାଲିଛି । ଗୋହିରା ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ଏହି ଯୋଜନାର କାର୍ଯ୍ୟାଦେଶ ଥିଲେ ମଧ୍ୟ ଥରେମାତ୍ର କାର୍ଯ୍ୟ କ୍ଷେତ୍ରକୁ ଆସିନଥିବା କିମ୍ବା ତଦାରଖ କରିନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ଏହି ପଂଚାୟତରେ ଅନେକ ରାସ୍ତାର ଅବସ୍ଥା ଦୟନୀୟ ଅବସ୍ଥାରେ ଥିବାବେଳେ ଏହାର ମରାମତି କରାନଯାଇ ବୃକ୍ଷରୋପଣ ଯୋଜନାକୁ ବ୍ଲକ ପ୍ରଶାସନ କିପରି ଅନୁମୋଦନ ଦେଲେ ସେ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ଆରତୀ ସିଂଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ନିଜର ଅସହାୟତା ପ୍ରକାଶ କରିବା ସହିତ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଲୁଥେରାନ ଯୌନକେଲେଙ୍କାରୀ ମାମଲାରେ ସଭାନେତ୍ରୀଙ୍କୁ ମିଳିଲା ଅନ୍ତରୀଣ ଜାମିନ

କେନ୍ଦ୍ରାପଡ଼ା (ପିଏନ୍): ବହୁଚର୍ଚ୍ଚିତ ଲୁଥେରାନ ଶିଶୁ ଯତ୍ନ ଅନୁଷ୍ଠାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଘଟଣାରେ ସଂପୃକ୍ତ ସଭାନେତ୍ରୀଙ୍କୁ ଅନ୍ତରୀଣ ଜାମିନ ମିଳିଯାଇଥିବା ବେଳେ ଘଟଣାର ଅନ୍ୟତମ ଅଭିଯୁକ୍ତ ସଭାନେତ୍ରୀଙ୍କ ଭାଇ ଏବେ ଆଗୁଆ ଜାମିନ ଅପେକ୍ଷାରେ ଅଛନ୍ତି । ଏଭଳି ଘଟଣା କେନ୍ଦ୍ରାପଡା ପୋଲିସର ଭୂମିକାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମର ଲୁଥେରାନ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ଜଣେ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଘଟଣା ସମ୍ପର୍କରେ ସେହି ଅନୁଷ୍ଠାନ ପରିସରରେ ରହୁଥିବା ସଭାନେତ୍ରୀ ସବୁ ଜାଣି ଚୁପ ରହିଥିବା ବେଳେ ସମିତିର ସମ୍ପାଦିକା ଘଟଣା ସମ୍ପର୍କରେ ପ୍ରଥମେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ଥାନାର ଭାରପ୍ରାପ୍ତ ଇନସପେକ୍ଟର ତାଙ୍କ ଅଭିଯୋଗକୁ ଗୁରୁତ୍ୱ ନଦେବାରୁ ସେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ)ଙ୍କ ନିକଟରେ ଲିଖିତ ଭାବରେ ଜଣାଇଥିଲେ। ସେଠାରୁ ମଧ୍ୟ ବିଫଳ ହେବା ପରେ ଶେଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ପାଇବା ପରେ ଆୟୋଗ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ମାର୍ଶାଘାଇ ଥାନା ପୋଲିସକୁ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରି ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ମାର୍ଶାଘାଇ ଥାନା ପୋଲିସ ସେହି ଅଭିଯୋଗ ଉପରେ ମାମଲା ରୁଜୁ କରିଥିଲା ସତ କିନ୍ତୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସେହି ସମ୍ବେଦନଶୀଳ ମାମଲାର ତଦନ୍ତ କରୁଥିବା ବେଳେ ମାମଲାରେ ସଂପୃକ୍ତ ସଭାନେତ୍ରୀଙ୍କୁ ଉଚ୍ଚ ନ୍ୟାୟାଳୟରୁ ଅନ୍ତରୀଣ ଜାମିନ ମିଳିବା ଘଟଣା ଆଶ୍ଚର୍ଯ୍ୟଚକିତ କରିଛି । ଏତଲା ରୁଜୁ ହେବାର ୧୫ଦିନ ମଧ୍ୟରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନଥିବା ବେଳେ ସେ କିଭଳି କୋର୍ଟରେ ପହଁଚି ଅନ୍ତରୀଣ ଜାମିନ ପାଇଗଲେ ! ଅଭିଯୁକ୍ତ ଫେରାର ଥିବାର ଆଳରେ ପୋଲିସ ସେମାନଙ୍କୁ ଖସିଯିବାରେ ସହାୟତା ପ୍ରଦାନ କରୁନାହିଁ ତ ! ସଭାନେତ୍ରୀଙ୍କୁ ଏପ୍ରିଲ ୨୯ତାରିଖରେ ପରବ□ୀ ଶୁଣାଣି ପର୍ଯ୍ୟନ୍ତ ମାର୍ଶାଘାଇ ଥାନା ପୋଲିସ ଗିରଫ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟତମ ଅଭିଯୁକ୍ତଙ୍କ ଜାମିନର ଶୁଣାଣି ହେବାକୁ ରହିଛି । ତଦନ୍ତରେ ସଭାନେତ୍ରୀ ପ୍ରମିଳା ତ୍ରିପାଠୀ ପୋଲିସକୁ ସମସ୍ତ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ପ୍ରଭାବିତ ନକରିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ସଭାନେତ୍ରୀଙ୍କ ଭାଇ ତଥା ଅଭିଯୁକ୍ତ ଜଗନ୍ନାଥ ତ୍ରିପାଠୀ ଓ ପୁତୁରା ବିଶ୍ୱଜିତ ତ୍ରିପାଠୀ ଏବେ ଆଗୁଆ ଜାମିନ ଅପେକ୍ଷାରେ ରହିଛନ୍ତି । ଏହା କେନ୍ଦ୍ରାପଡା ପୋଲିସର ଚରମ ଅପାରଗତା ଓ ବିଫଳତାକୁ ପଦାରେ ପକାଇଥିବା ସୂଚନା ଦେଉଛି । ଏହି ଅଭିଯୁକ୍ତମାନଙ୍କୁ ଫେରାର କରାଇବା ପଛରେ ଜନୈକ ପୋଲିସ ଅଧିକାରୀଙ୍କ ହାତ ଥିବା ଆଲୋଚନା ହେଉଛି । ଜିଲ୍ଲାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବେଦନଶୀଳ ମାମଲାରେ ପୋଲିସର ଭୂମିକା ସନ୍ଦେହଘେରକୁ ଚାଲିଯାଉଥିବା ଅଭିଯୋଗ ହୋଇଛି ।

## ଆନନ୍ଦପୁର ପୌରା□ଳରେ ସପ୍ତାହନ୍ତ ସଟ୍‌ଡାଉନ୍, ସମସ୍ତ ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୁନଶାନ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରା□ଳରେ ୨୪ଘ□ିଆ ସପ୍ତାହନ୍ତ ସଟଡାଉନ୍ ପ୍ରଭାବରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ରାସ୍ତାଘାଟ ଶୁନଶାନ ଥିବାର ଦେଖାଯାଇଥିଲା । ସୂଚନାଯୋଗ୍ୟ ଯେ କୋରନା ମହାମାରୀ ଦେଶ ଓ ରାଜ୍ୟରେ ଦିନକୁ ଦିନ କାୟା ବିସ୍ତାର କରି ଚାଲିଥିବା ବେଳେ ଏହାକୁ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକଙ୍କ ସୁରକ୍ଷା ନେଇ ସମସ୍ତ ପୌର□ଳକୁ ଅପ୍ରେଲ ୨୪ତାରିଖ ଶନିବାରଠାରୁ ସପ୍ତାହନ୍ତ ସଟଡାଉନ୍ ଘୋଷଣା କରାଯାଇଥିଲା। ଏହାକୁ ନେଇ କେନ୍ଦୁଝର ଜିଲ୍ଲା ପ୍ରାଶସନ ପକ୍ଷରୁ ମଧ୍ୟ ସପ୍ତାହନ୍ତ ସଟ୍‌ଡାଉନ୍ ଜାରି କରାଯାଇଥିଲା। ଆନନ୍ଦପୁର ପୌରା□ଳରେ ଶନିବାର ଦିନ କେବଳ ମେଡିସିନ୍, ଦୁଗ୍ଧ ଦୋକାନକୁ ବାଦ୍ ଦେଇ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସେହିପରି ରାସ୍ତାଘାଟରେ ଲୋକମାନଙ୍କର ଯାତାୟାତ ନଥିବା ବେଳେ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିଲା । କେବଳ କିଛି ବାଲି ବୋଝେଇ ଟ୍ରକ୍ ପୌର□ଳରେ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ପୌରା□ଳର ଆନନ୍ଦପୁର, ଘଷିପୁରା, ଶାଳପଡା, ଶୈଳଙ୍ଗ, ଫକୀରପୁର, ପଦ୍ମପୁର ପ୍ରମୁଖ ଅଂଚଳର ଲୋକମାନେ ପ୍ରଶାସନର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଘରେ ରହିଥିବା ଦେଖିବାକୁ ମିଳିଥିଲା। ଆନନ୍ଦପୁର ପୋଲିସ ବାହିନୀ ଓ ପ୍ରଶାସନିକ ଅଧିକାରୀମାନେ ସଟ୍‌ଡାଉନ୍ ସମୟରେ ପୌରା□ଳର ବିଭିନ୍ନ ସ୍ଥାନକୁ ଯାଇ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା। ଶନିବାର ଦିନ ଆନନ୍ଦପୁର ଉପଖଣ୍ଡ ପୌରପରିଷଦ ୫ନଂ ୱାର୍ଡରେ ୩ଜଣ, ଘଷିପୁରା ବ୍ଲକ ଅଳତିରେ ୨ଜଣ, ବଳରାମପୁରରେ ଜଣେ, ବାତୋରେ ଜଣେ, ତରିମୂଳରେ ଜଣେ, ହାଟଡିହି ବ୍ଲକ ଶାସଙ୍ଗରେ ଜଣେ, ହାବଳେଶ୍ୱରରୁ ଜଣେ, ଶାଳଣିଆଁରୁ ଜଣେ, ଆନନ୍ଦପୁର ବ୍ଲକର ହରିଡାପାଳରୁ ଜଣକୁ ମିଶାଇ ମୋଟ୍ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




## ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝର: କେନ୍ଦୁଝରଗଡ ପୌରା□ଳର ରାସ୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲା ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟ' ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା । କମ୍ପାନୀର ସିଏସ୍ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା । ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା । ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା । ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି । ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୁର୍ଭାଗ୍ୟଜନକ । ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ ।

## ରାଇକିଆ ତହସିଲଦାର ଭିଜିଲାନ୍ସ ଜାଲରେ ୪୦ ହଜାର ଲାଂଚ ନେଉଥିଲେ

କନ୍ଧମାଳ: କନ୍ଧମାଳ ଜିଲ୍ଲା ରାଇକିଆ ତହସିଲଦାର ଚକ୍ରଧର ପାଢ଼ୀ ଜଣେ ଟ୍ରାକ୍ଟର ମାଲିକ ସେନାପତି ପ୍ରଧାନଙ୍କ ଠାରୁ ଟ୍ରାକ୍ଟର ରିଲିଜ୍ କରିବା ପାଇଁ ୪୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସୂଚନା ଅନୁଯାୟୀ, ରାଇକିଆର ମନ୍ଦାକିଆ ଅଂଚଳର ସେନାପତି ପ୍ରଧାନଙ୍କ ବେଆଇନ ଭାବେ ଚାଲାଣ ହେଉଥିବା ପଥର ବୋଝେଇ ଟ୍ରାକ୍ଟରକୁ ଗତ କିଛି ମାସ ତଳେ ଜବତ କରିଥିଲେ ତହସିଲଦାର । ଟ୍ରାକ୍ଟରକୁ ରିଲିଜ୍ କରିବା ପାଇଁ ସେନାପତି ତହସିଲଦାରଙ୍କୁ ନିବେଦନ କରିବାରେ ସେଥିପାଇଁ ସେ ୫୦ ହଜାର ଟଙ୍କା ଲାଂଚ ଦାବି କରିଥିଲେ । ତେବେ ସେନାପତି ଏତେ ଟଙ୍କା ଦେବାକୁ ନିଜର ଅକ୍ଷମତା ପ୍ରକାଶ କରିବାରୁ ତହସିଲଦାର ତାଙ୍କ ଗୁହାରି ଶୁଣି ନଥିଲେ । ଫଳରେ ସେନାପତି ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଭିଜିଲାନ୍ସ ବିଭାଗ ତାଙ୍କ ଅଭିଯୋଗ ମୁତାବକ ୯/୨୧ ରେ ଏକ ମାମଲା ରୁଜୁ କରି ଏ ବାବଦରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନା ମୁତାବକ ସେନାପତି ଆଜି ୪୦ ହଜାର ଟଙ୍କା ତହସିଲଦାର ଚକ୍ରଧରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେବା ସମୟରେ ନିକଟରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ମାନେ ତାଙ୍କୁ କାବୁ କରି ନେଇଥିଲେ । ଭିଜିଲାନ୍ସ ପକ୍ଷରୁ ତହସିଲଦାରଙ୍କ କାର୍ଯ୍ୟାଳୟ, ତାଙ୍କ ସରକାରୀ ବାସଭବନ ଓ ତାଙ୍କ ପୈତୃକ ଘରେ ଚଢ଼ଉ ଜାରୀ ରହିଛି । ଘଟଣାରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ ।

## ଭୁବନେଶ୍ୱରରୁ ଆଉ ୮୫୧ ପଜିଟିଭ୍

ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଗୁରୁବାର ଆଉ ୮୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିରୁ ୯୮ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୭୫୫ ଲୋକାଲ୍ କେସ ରହିଛନ୍ତି । ଏହାଛଡ଼ା ଆଜି ୪୨୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ଆଜି ଚିହ୍ନଟ ହୋଇଥିବା ୭୫୫ ଲୋକାଲ୍ କେସ ଭିତରୁ ପଟିଆରୁ ସର୍ବାଧିକ ୬୧ , ନୟାପଲ୍ଲୀରୁ ୫୮ , ଖଣ୍ଡଗିରିରୁ ୪୬ , ଓଲ୍ଡ ଟାଉନ୍ ରୁ ୩୭ , ଲକ୍ଷ୍ମୀସାଗରରୁ ୩୪ ,ଚନ୍ଦ୍ରଶେଖରପୁରରୁ ୩୨ , ପୋଖରୀପୁଟରୁ ୨୧, ଝାରପଡାରୁ ୨୦ , ମଂଚେଶ୍ୱର , ବମିଖାଲଓ ବିଜେବି ନଗରରୁ ୧୯ ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି । ସେହିପରି ଡେଲ୍ଟା କଲୋନୀରୁ ୫, ହଂସପାଳରୁ ୩, ନାଗେଶ୍ୱର ଟାଙ୍ଗିରୁ ୪, ନହରକଂଟାରୁ ୧୨, ଜୟଦେବ ବିହାରରୁ ୧୫, ମଧୁସୂଦନ ନଗରରୁ ୨, ମୈତ୍ରୀ ବିହାରରୁ ୫, ଲିଙ୍ଗିପୁରରୁ ୩, ଆଇଗିଣିଆରୁ ୪, ଗଙ୍ଗୋତ୍ରୀ ନଗରରୁ ୨, ଆଇଆରସି ଭିଲେଜରୁ ୮, ଜାଗମରାରୁ ୧୬, ଘାଟିକିଆରୁ ୪, ଜୟଦୁର୍ଗା ନଗରରୁ ୪, ଝାରପଡ଼ାରୁ ୨୦, କଳାରାହାଙ୍ଗରୁ ୩, କଳିଙ୍ଗନଗରରୁ ୫, କଳିଙ୍ଗ ନଗରରୁ ୯, କଳ୍ପନାରୁ ୭, ଫରେଷ୍ଟ ପାର୍କ ଏରିଆରୁ ୬, ଗାଡ଼କଣରୁ ୬, ଗଜପତି ନଗରରୁ ୩, ଡୁମ୍ଡୁମାରୁ ୧୩, ୭ମ ବାଟାଲିୟନ୍‌ରୁ ୩, ବୁଦ୍ଧ ନଗରରୁ ୨, ଚିନ୍ତାମଣୀଶ୍ୱରରୁ ୭, ଚକେଇଶିଆଣୀରୁ ୬, ଭୀମଟାଙ୍ଗିରୁ ୫, ଭୀମପୁରରୁ ୩, ବାପୁଜୀ ନଗରରୁ ୭, ବରମୁଣ୍ଡାରୁ ୧୪, ବଶିଷ୍ଠ ନଗରରୁ ୨, ଆଚାର୍ଯ୍ୟ ବିହାରରୁ ୨, ଅଶୋକ ନଗରରୁ ୨ ଓ ବଡ଼ଗଡ଼ରୁ ୪ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି । ସେହିପରି ନୀଳାଦ୍ରି ବିହାରରୁ ୧୫, ପାତ୍ରପଡ଼ାରୁ ୬, ସହିଦ ନଗରରୁ ୫, ୟୁନିଟ୍-୪ରୁ ୬, ୟୁନିଟ୍-୬ରୁ ୧୨, ୟୁନିଟ୍-୮ରୁ ୧୧, ୟୁନିଟ୍-୯ରୁ ୧୨ ସୌଭାଗ୍ୟ ନଗରରୁ ୩, ସୁନ୍ଦରପଦାରୁ ୬, ସୂର୍ଯ୍ୟନଗରରୁ ୨, ଟଙ୍କପାଣି ରୋଡ୍ ରୁ ୮, ୟୁନିଟ୍ -୩ରୁ ୮, ଶିରିପୁରରୁ ୬, ସାମନ୍ତବିହାରରୁ ୨, ଶାସ୍ତ୍ରୀ ନଗରରୁ ୭, ସତ୍ୟ ନଗରରୁ ୫, ସତ୍ୟ ବିହାରରୁ ୨, ସାମନ୍ତରାପୁରରୁ ୮, ଶୈଳଶ୍ରୀ ବିହାରରୁ ୪, ଭିଏସ୍ଏସ୍ ନଗରରୁ ୨, ରଙ୍ଗମାଆରୁ ୨, ରସୁଲ୍ ଗଡ଼ରୁ ୮, ପାଇକନଗରରୁ ୫, ପାଣ୍ଡରାରୁ ୫, ପୋଖରୀପୁଟରୁ ୨୧, ପଲାଶପଲ୍ଲୀରୁ ୩, ପଲାଶୁଣୀରୁ ୮ ଜଣ ଲେଖାଏ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୩୨୯୬ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୩୬୧୦୩କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୬୯୧୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୯ ରହିଛି ।

## ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ ଦାବିରେ ଏଆଇଡିଏସଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର: କୋଭିଡ୍ ମହାମାରୀ ସମୟରେ ସ୍ୱାସ୍ଥ୍ୟସେବା ସୁଦୃଢ କରିବା ଦାବିରେ ଏଆଇଡିଏସଓ ରାଜ୍ୟ ପରିଷଦ ତଥା ସମସ୍ତ ଜିଲ୍ଲା, ଆଂଚଳିକ ତଥା ଶିକ୍ଷାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅନଲାଇନ ଜରିଆରେ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରର ଏକ କପି ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରେରଣ କରାଯାଇଛି ।ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା, ସମସ୍ତଙ୍କୁ ମାଗଣା ଟିକା ସହ ଅଧିକ ଟିକାକରଣ କେନ୍ଦ୍ର ଖୋଲିବା ଓ ସମସ୍ତ କେନ୍ଦ୍ରରେ ପର୍ଯ୍ୟାପ୍ତ ଟିକା ଯୋଗାଇ ଦେବା, ସମସ୍ତ ପି.ଏଚ୍.ସି ସ୍ତରର ଚିକିତ୍ସାଳୟରେ ଆରଟି-ପିସିଆର ଟେଷ୍ଟ କରି ଶିଘ୍ର ରିପୋର୍ଟ ପ୍ରଦାନର ବ୍ୟବସ୍ଥା କରିବା, କୋଭିଡ ରୋଗୀଙ୍କ ପାଇଁ ସମସ୍ତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ବେଡ, ଅମ୍ଳଜାନ ସିଲିଣ୍ଡର, ଭେଂଟିଲେଟରର ବ୍ୟବସ୍ଥା ସହ ଅଧିକ ଆଇ.ସି.ୟୁ ଖୋଲିବା, ରାଜ୍ୟରେ ଖାଲି ପଡିଥିବା ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପଦବୀ ପୂରଣ ପାଇଁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଏ.ଆଇ.ଡି.ଏସ.ଓ ଓଡିଶା ରାଜ୍ୟ ପରିଷଦର ସଭାପତି ଗଣେଶ ତ୍ରିପାଠୀ, ସମ୍ପାଦକ ସୁବାସ ନାୟକ, ଉପ ସଭାପତି ସୋମନାଥ ବେହେରା, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭୃତି ପରିଚାଳନା କରିଥିଲେ ।

## ମା' ତାରିଣୀ ଟିପ୍ପର ସଂଘ ସଭ୍ୟଙ୍କୁ ଭୁଜାଲିରେ ଆକ୍ରମଣ

ଆନନ୍ଦପୁର: ବ୍ରାହ୍ମଣିପାଳ ମା' ଟିପ୍ପର ମାଲିକ ସଂଘକୁ ନେଇ ଚାଲିଥିବା ବିବାଦ ଥମିବାର ନା ଧରୁନି । ଦୀର୍ଘଦିନ ହେବ ସଂଘରେ ଚାଲିଥିବା ବ୍ୟାପକ ଅନିୟମିତତା ଓ ଆର୍ଥିକ ଘୋଟାଲା ବିରୋଧରେ ଏବେ ଟ୍ରକ ମାଲିକଙ୍କ ପ୍ରତିବାଦ ତୀବ୍ର ହେବା ସହିତ ଆଜି କିଛି ଦୁର୍ବୃ□ ଘଷିପୁରା ଥାନା ବମ୍ପାପାଳ ଗ୍ରାମର ସୁଶା' ପଲେଇ ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଭୁଜାଲିରେ ମରଣା'କ ଆକ୍ରମଣ କରିଥିବା ବେଳେ ସୁଶା' କୌଶଳ କ୍ରମେ ସେଠାରୁ ବ□ ଯାଇ ବ୍ରାହ୍ମଣୀପାଳ ଥାନାରେ ଏତଲା ଦିଆଯାଇଥିବା ଜଣାପଡିଛି । ଏପରିକି ଏହାକୁ ନେଇ ବ୍ରାହ୍ମଣୀପାଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିଛି । ଗତ କିଛିଦିନ ମଧ୍ୟରେ ଏକାଧିକ ଥର ମାରପିଟ ଗଣ୍ଡଗୋଳ ମଧ୍ୟ ହୋଇଛି । ସଂଘ ଆଳରେ ବେଆଇନ୍ ଭାବେ ଅର୍ଥ ଆଦାୟ କରି ଶୋଷଣ କରାଯାଉଥିବା ମାଲିକମାନେ ପୂର୍ବରୁ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହୋଇଛ'' । ଅଭିଯୋଗ ଅନୁଯାୟୀ ମା' ଟିପ୍ପର ମାଲିକ ସଂଘ ଆଳରେ ମାଲିସ ମାନଙ୍କ ଠାରୁ ଖଣି ପରିବହନ କରୁଥିବା ଗାଡି ଗୁଡିକରୁ ବେଆଇନ୍ ଭାବେ ଅର୍ଥ ଆଦାୟ କରାଯାଉଥିବା ବେଳେ ସୁଶା' ମା'ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ କୌଣସି କାମରେ ଠିଆ ହୋଇଥିବା ବେଳେ ହଠାତ୍ ଏକ କାରରେ ଅନିଲ ଜେନା, ଚିନୁ ମହାଁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବୁଟା ପାତ୍ରଙ୍କ ସହିତ ଅନେକ ଯୁବକ ପହଂଚି ସୁଶା'ଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହିତ ରାଜା ଚକ୍ର ଓ ଆଲୋକ ପାତ୍ରଙ୍କ ସମର୍ଥକ ମାନଙ୍କ ବିଷୟରେ ମୁଣ୍ଡ ପୁରାଇବ ନାହିଁ ବୋଲି ଧମକ ଦେଇଥିଲେ । ଯଦି ମୁଣ୍ଡ ପୁରାଅ ତେବେ ପରିବାରକୁ ଶେଷ କରିଦେବୁ ବୋଲି ଧମକ ଦେଇଥିବା ସୁଶା' କହୁଥିବା ବେଳେ ବ୍ରାହ୍ମଣୀପାଳ ଥାନାରେ ଏତଲା ଦିଆଯାଇଥିବା ଜଣାପଡିଛି । ଗୁରୁତର ସୁଶା'ଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭ□ କରାଯାଇଥିବା ବେଳେ ପୋଲିସ୍ ତଦ' କରୁଥିବା ଜଣାପଡିଛି । ସବୁଠାରୁ ବଡକଥା ହେଲା ଏମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ଏକାଧିକ ମାମଲା ଥିବା ବେଳେ ପୋଲିସ୍ ସେମାନଙ୍କୁ ଗିରଫ କରୁନଥିବା ସାଧାରଣ ଜନତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ସତ୍ୟାସତ୍ୟ ପାଇଁ ଉପଯୁକ୍ତ ତଦ' କରି ପଦକ୍ଷେପ ନିଆଯିବାକୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦାବି ହୋଇଛି ।

## ମେ ୪ ଯାଏଁ କାଳବୈଶାଖୀ ସମ୍ଭାବନା , ୨୪ ଘଂଟା ପାଇଁ ୮ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର : ରାଜ୍ୟର ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଆସନ୍ତା ୨୪ ଘଂଟା ମଧ୍ୟରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଗୁରୁବାର ଅପରାହ୍ନ ୧ଟା ୩୦ଘଂଟାରୁ ଆସନ୍ତାକାଲି (ଶୁକ୍ରବାର) ସକାଳ ୮ଟା୩୦ ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ପ୍ରଭୃତି ୮ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୮ଜିଲ୍ଲାକ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି ବୋଲି ଜାରି ସତର୍କ ସୂଚନାରେ କହିଛି ପାଣିପାଗ କେନ୍ଦ୍ର । କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ । ସେହିପରି ୩୦ରୁ ୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲା କୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ମେ ୧ ତାରିଖରୁ ୨ ତାରିଖ ମଧ୍ୟରେ ଦେବଗଡ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି, କୋରାପୁଟ ,ରାୟଗଡା, ଗଜପତି ଓ କନ୍ଧମାଳ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବାରୁ ୟେଲେଶ ଓ୍ୱାର୍ଣ୍ଣ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏହା ବ୍ୟତୀତ ୨ ରୁ ୩ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ଯାଜପୁର , କନ୍ଧମାଳ , ଗଜପତି . ମାଲକାନଗିରି, କୋରାପୁଟ, ରାୟଗଡା, ନୟାଗଡ, ଦେବଗଡ, ବାଲେଶ୍ୱର , ଭଦ୍ରକ, ଅନୁଗୁଳ , ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି । ୩ରୁ ୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା , ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବଜ୍ରପାତ ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ । ଏହି ସମୟ ମଧ୍ୟରେ କୋରାପୁଟ , ନବରଙ୍ଗପୁର, ମାଲକାନଗିରି ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଶେରଗଡ଼କୁ ଏନଏସି ମାନ୍ୟତା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ

ଗଞ୍ଜାମ: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ଶେରଗଡ଼କୁ ଏନଏସି ଘୋଷଣା ନେଇ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା । ଶେଷରେ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି । ଶେରଗଡ଼କୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ସରକାରୀ ସ୍ତରରେ ବର୍ତ୍ତମାନ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡିଛି । ଶେରଗଡ଼ ପଚାଂୟତ ଅଧିନରେ ୯ଟି ରାଜସ୍ୱ ଗ୍ରାମ ରହିଛି । କିନ୍ତୁ, ସୀମିତ ସମ୍ବଳ ମଧ୍ୟରେ ଉନ୍ନୟନ ସମ୍ଭବପର ହୋଇପାରୁନଥିବାରୁ ଏହାକୁ ଏନଏସି ଘୋଷଣା ପାଇଁ ଦାବି ହୋଇ ଆସୁଥିଲା । ଏହାକୁ ଆଧାର କରି ନଗର ଉନ୍ନୟନ ସଚିବ ଜିଲ୍ଲାପାଳଙ୍କୁ ( ପତ୍ରାଙ୍କ ନଂ ୫୮୩/୧୮.୦୩.୨୧) ତଥ୍ୟ ସମ୍ବଳିତ ଚିଠି ଜାରୀ କରିଥିଲେ । ଏହା ସହ ଅଧିକ ତଥ୍ୟ ପ୍ରଦାନ ପାଇଁ ସୂଚନା ଦେବାକୁ ସେଥିରେ ଉଲ୍ଲେଖ କରାଯାଇଥିଲା । ଏହା ପରେ ଗଞ୍ଜାମ ଜିଲ୍ଲାପାଳ ଏକ ଚିଠି କରି (ପତ୍ରାଙ୍କ ନଂ ୭୪୬/୨୪.୦୪.୨୧) ରେ ଶେରଗଡ଼ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶେରଗଡ଼ ପଂଚାୟତକୁ ଏନଏସି ଘୋଷଣା ଲାଗି ଆନୁଷଙ୍ଗିକ ତଥ୍ୟ ଫର୍ମ ପୂରଣ କରି ବିଧିବଦ୍ଧ ଭାବେ ସୂଚନା ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି । ପ୍ରସ୍ତାବିତ ଫର୍ମରେ ଜନସଂଖ୍ୟା, କେତୋଟି ଗ୍ରାମକୁ ସାମିଲ୍ କରାଯିବ । କେଉଁ କେଉଁ କାର୍ଯ୍ୟାଳୟ ରହିଛି ଓ ଲୋକଙ୍କ ଆର୍ଥିକ ସ୍ଥିତି ସମେତ ଏଭଳି ଭାବେ ବିଷୟରେ ତଥ୍ୟ ଦେବାକୁ କୁହାଯାଇଛି । ଶେରଗଡ଼କୁ ଏନଏସି ଘୋଷଣା ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ବାତିଲ ରହିବ ପୁରୀ-ପାରାଦୀପ, ଭୁବନେଶ୍ୱର-ନୟାଗଡ଼ ଟାଉନ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର: ଯାତ୍ରୀ ଉପଲବ୍ଧ ନହେବାରୁ ପୁରୀ-ପାରାଦୀପ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ବିଶେଷ ଟ୍ରେନ ବାତିଲ ରଖିବାକୁ ନିଷ୍ପତି ନେଇଛି ପୂର୍ବତଟ ରେଳବାଇ । ୦୮୪୨୩/୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ୨୭ ଏପ୍ରିଲ୍ ଏବଂ ନୟାଗଡ଼ ଟାଉନ୍ ରୁ ୨୮ ଏପ୍ରିଲ ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଅଛି । ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଦ୍ୱାରା ମାତ୍ର ୨ ଶତକଡାରୁ କମ ଯାତ୍ରୀ ଏହାର ଚଳାଚଳ ଠାରୁ ଉପଲବ୍ଧ ହୋଇଛନ୍ତି । ସେହିଭଳି, ୦୮୪୧୩/୦୮୪୧୪ ପାରାଦୀପ-ପୁରୀ-ପାରାଦୀପ ବିଶେଷ ଟ୍ରେନ ଉଭୟ ଦିଗରୁ ୨୭ ଏପ୍ରିଲ, ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ ଦ୍ୱାରା ଏହାର ଚଳାଚଳ ଠାରୁ ମାତ୍ର ୧୦ ଶତକଡା ରୁ କମ ଯାତ୍ରୀ ଉପଲବ୍ଧ ହୋଇଛନ୍ତି ।

## ବଳଦେବ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ବୈଠକ

କେନ୍ଦ୍ରାପଡା: ପୌରା□ଳର ଭଗେଶ୍ୱରପୁର ସ୍ଥିତ ବଳଦେବ ଉଚ୍ଚ ବିଦ୍ୟାଳୟରେ କୋଭିଡ ନିୟମ ପାଳନ ପୁର୍ବକ ମୋ ସ୍କୁଲ ଅଭିଯାନ ତରଫରୁ ପୁରାତନ ଛାତ୍ରମାନଙ୍କର ଏକ ବୈଠକ ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ନିକଟରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ନିରାକାର ରାଉତ, ବିଦ୍ୟାଳୟର ମେଧାବୀ ଛାତ୍ର ସ୍ୱର୍ଗତ ଦେବେନ୍ଦ୍ର ନାଥ ପରିଡା ଓ ସ୍ୱର୍ଗତ ଇଂ ପ୍ରୟଶ୍ଳୋକ ଆର୍ଯ୍ୟଙ୍କ ବିୟୋଗରେ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଗତ ମଙ୍ଗଳବାର ଦିନ ସାଂସଦ ଅନୁଭବ ମହାନ୍ତି ଏହି ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କରିଥିବାରୁ ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏଥି ସହିତ ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୁର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବହୁ ଶ୍ରମ ଦେଇ ବିଦ୍ୟାଳୟର ଉନ୍ନତିରେ ସହଯୋଗ କରିଥିବାରୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏଚଡିଏଫସି ବ୍ୟାଙ୍କ ସହୟତାରେ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ତଥା ଶୈକ୍ଷିକ ଉନ୍ନତି କରାଯାଇଥିବାରୁ ବୈଠକରେ ଧନ୍ୟବାଦ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଓ ବିଭିନ୍ନ ଆବଶ୍ୟକତା ଉପରେ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ସର୍ବ ସମ୍ମ□ କ୍ରମେ ଗୃହିତ କରାଯାଇଥିଲା । ଉକ୍ତ ବୈଠକରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଧ୍ରୁବ ଚରଣ ଜେନା, ଦିବାକର ଜେନା, ଡଃ ଉପେନ୍ଦ୍ରନାଥ ପ୍ରଧାନ, ଗୋପାଳକୃଷ୍ଣ ଜେନା, ରେବତୀରମଣ ଦାସ, ଅଦ୍ୱୈତ କୁମାର ଦାସ, ଉମେଶ ଚନ୍ଦ୍ର ନାୟକ, ଭରତ ନିମାଇ, କ୍ଷୀରୋଦ କୁମାର ସାହୁ, ପଦ୍ମଲୋଚନ ପତ୍ରୀ, ଜିତୁ ମଙ୍ଗରାଜ, ବ୍ରଜ ସୁନ୍ଦର ଦାସ, ସୁନିଲ ମହାଳିକ, ହରିଲାଲ ଅଗ୍ରୱାଲା, ରବିନାରାୟଣ ସାହୁ , ହରେକୃଷ୍ଣ ବରାଳ, ସତ୍ୟରଞ୍ଜନ ଦାସ, ରବିନ୍ଦ୍ର ଲେଙ୍କା, ଶିକ୍ଷକ ତପନ କୁମାର ଦାଶ, ହୃଷିକେଷ ସ୍ୱାଇଁ, ଶିକ୍ଷୟତ୍ରୀ ରୁବିନା ପ୍ରଧାନ, ଅଞ୍ଜଳି ଶତପଥୀ, ବିଶ୍ୱଜିତା ସାହୁ, କଳ୍ପନା ଲେଙ୍କା, କ୍ଷୀରୋଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ତଥା ପୁରାତନ ଛାତ୍ର ନୃସିଂହ ଚରଣ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ସୁନିଲ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି

## ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି । ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ । ଏହାସହ ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି ।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି । ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା । ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା । ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୁହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ହେଲେ ଏହାର କୌଣସି ସୁଫଳ ମିଳି ନଥିଲା । ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା । ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା । ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା । ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା । ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା । ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ୱଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି । ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ । ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଚିହ୍ନଟ ହେଲେ ଆଉ ନୂଆ ୯୧ ଆକ୍ରାନ୍ତ, ୪ଟି ଗ୍ରାମ କ□ନମେ□ ଜୋନ

ଭଦ୍ରକ, ୨୯ ଅପ୍ରେଲ (ହି.ସ.) - ଭଦ୍ରକ ଜିଲାରୁ ଆଉ ୯୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସମୟରେ ୪୩ଜଣ ସୁସ୍ଥ ହୋଇଛନ୍ତି । ଫଳରେ ଜିଲ୍ଲାର ମୋଟ ସକ୍ରିୟ ସଂଖ୍ୟା ୭୪୨ରେ ପହ□ଛି । ମୋଟ ୩ ଲକ୍ଷ ୪୩ ହଜାର ୬୩୭ଜଣଙ୍କ ନମୁନା ପରୀକ୍ଷା ପରେ ଜିଲାର ମୋଟ ଆକ୍ରାନ୍ତ ସଂଖ୍ୟା ୮ହଜାର ୭୦୩ ହୋଇଥିବା ବେଳେ ମୋଟ ସୁସ୍ଥ ହୋଇଛନ୍ତି ୭ ହଜାର ୯୩୩ଜଣ । ଯେଉଁ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଏମ୍ସ୍ ହସ୍ପିଟାଲରେ ୩ଜଣ, ସମ୍ ହସ୍ପିଟାଲରେ ୨ଜଣ ଚିହ୍ନଟ ହୋଇଛନ୍ତି । ବାସୁଦେବପୁର ବ୍ଲକର ଆ□ଂ, ଅରଣ୍ଡୁଆ, ଗୁଆଗଡ଼ିଆ ଓ ମାଟିପକା ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ପୌରପାଳିକାର ୪ ନଂ ଓ୍ୱାର୍ଡ ଓ ୨ ନଂ ଓ୍ୱାର୍ଡରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକର ଚୁନିଦାରୁ ୨ଜଣ, ରାନ୍ଧିଆ ଗ୍ରାମରୁ ୫ଜଣ, ଭଦ୍ରକ ବ୍ଲକରୁ ୪ଜଣ ଚିହ୍ନଟ ହୋଇଛନ୍ତି । ଭଦ୍ରକ ପୌରପାଳିକାର ୨୯ ନଂ ଓ୍ୱାର୍ଡ ଗରଦପୁରରୁ ୩ଜଣ, ୧୦ ନଂ ଓ୍ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ଜଣେ, ୧୩ ନଂ ଓ୍ୱାର୍ଡ ଅପ□ବିନ୍ଧାରୁ ଜଣେ, ୯ ନଂ ଓ୍ୱାର୍ଡ ବନ୍ତ ଛକରୁ ୨ଜଣ, ବନ୍ତ ବ୍ଲକର ପଦି ଗ୍ରାମରୁ ୭ଜଣ, ସିଲନ୍ଦି ଗ୍ରାମରୁ ୨ଜଣ, ନରାଜପୁରରୁ ଜଣେ, ଛୟାଳସିଂରୁ ଜଣେ, ଗୋପିନାଥପୁରରୁ ୬ଜଣ, ପୁରୁଷଣ୍ଡରୁ ୨ଜଣ, ମହାନ୍ତିପଡ଼ାରୁ ଜଣେ, ପାନପଦୀରୁ ୨ଜଣ, ବାରିକପୁରରୁ ଜଣେ, ଚାନ୍ଦବାଲି ବ୍ଲକର ଧାମରା, ଶଶିକାଦେଇପୁର, ବହୁଗାଁ, ସାନଓସ୍ତିଆ, ପୋଖରୀସାହି ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ସେହିଭଳି ଚାନ୍ଦବାଲି ଏନ୍ଏସିର ୧୧ ନଂ ଓ୍ୱାର୍ଡ ବାଲିଗାଁ ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ୩ଜଣ, ଜଳମଣ୍ଡୁଆ ଗ୍ରାମରୁ ଜଣେ, କ□ ଗ୍ରାମରୁ ଜଣେ, ମଞ୍ଜୁରିରୋଡରୁ ଜଣେ, ଡଗରପଡା ଗ୍ରାମରୁ ୨ଜଣ, ମିଟୁଆଣିରୁ ଜଣେ, ମରେଇକଣା ଗ୍ରାମରୁ ଜଣେ, ସରସଦା ଗ୍ରାମରୁ ୩ଜଣ, କୁଳଣା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକର ବାବୁରିଗାଁ, ଜାହାଙ୍ଗିର, ଧୁଷୁରୀ, କାସିମପୁର, ଖଡ଼ିପଦା, ରଘୁନାଥପୁର, ଷୋଳଗାଁ ଗ୍ରାମରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷୋହଡା ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଦ୍ରୁତ ସଂକ୍ରମଣକୁ ନଜରରେ ରଖି ଜିଲ୍ଲାପାଳ ଡ. ଜ୍ଞାନ ଦାସ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପ□ାୟତର ଖରିଦା ବିନାୟକପୁର ଓ ବାଗଦା ବିନାୟକପୁର ଗ୍ରାମକୁ କ□ନମେ□ ଜୋନ, ଭଦ୍ରକ ବ୍ଲକର ହରିପୁର ପ□ାୟତର ଲାଙ୍ଗୁଡି ମହାଦେବସାହି, ଚାନ୍ଦବାଲି ବ୍ଲକର ଘଟପୁର ପ□ାୟତର ହେଙ୍ଗୁପତି ଗ୍ରାମକୁ କ□ନମେ□ ଜୋନ ଭାବେ ଘୋଷଣା କରିଛନ୍ତି ।

## ଧାମରାରେ ଗ୍ରାମ୍ୟ ଜଙ୍ଗଲ ଜମି ଧାମରା ବନ୍ଦର (ଆଦାନୀ)କୁ ହସ୍ତାନ୍ତରିତ କରିବାକୁ ପ୍ରକ୍ରିୟା ଜାରୀ

ଭଦ୍ରକ: ଧାମରା ବନ୍ଦର ପୁନଶ୍ଚ ଜଙ୍ଗଲ ଜମି ନେବାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଚାନ୍ଦବାଲି ତହସିଲଦାର ,ରାଜନଗର ଡିଏଫଓ ସରଜମିନ ତଦନ୍ତ କରି ଫେରିଯାଇଛନ୍ତି ।ଖବରରୁ ପ୍ରକାଶ କଇଥଖୋଲା ପଂଚାୟତ ଅଧିନସ୍ଥ କନକପ୍ରସାଦ ମୌଜାରେ ଶହ ଶହ ଏକର ଜଙ୍ଗଲଜମି ଥିବା ବେଳେ ସେ ସମସ୍ତ ଜମି କେନ୍ଦ୍ର ସରକାରଙ୍କ ଜଙ୍ଗଲ ବିଭାଗର । ଏହି ଜମିକୁ କାହାକୁ ହସ୍ତାନ୍ତରିତ କରିବାକୁ ହେଲେ ଜନଶୁଣାଣୀର ଆବଶ୍ୟକତା ଅଛି ବୋଲି କଂଗ୍ରେସ ର ବରିଷ୍ଠ ନେତା ଦିଗମ୍ବର ଦାସ ପ୍ରତିକ୍ରିୟା ରଖିଛନ୍ତି । ମାତ୍ର ଏହି ଜମି ହସ୍ତାନ୍ତରିତ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏ ପର୍ଯ୍ୟନ୍ତ କାହାକୁ ଜଣାଇ ନାହାନ୍ତି ଅଥବା ଏ ବିଷୟରେ ବିଭାଗୀୟ ଅଧିକାରୀ କୌଣସି ନୋଟିସ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ନାହାନ୍ତି । ଘଟଣାରୁ ପ୍ରକାଶ କନକପ୍ରସାଦ ମୌଜା ଅର୍ନ୍ତଗତ ଖାତା ନଂ -୧୦୯,ପ୍ଲଟ ନଂ-୪୧୦କିସମ ଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲରେ ଥିବା ବେଳେ ଏହି ପ୍ଲଟରେ ସମୁଦାୟ ଏ୧୪୭.୨୫କର ଜମି ଉପଲବ୍ଧ । ଏହି ସମୁଦାୟ ଜମିରୁ ଏ୩.୪୮କର ଦେଇ ଧାମରା ବନ୍ଦର କମ୍ପାନୀର ଗ୍ୟାସ ଟର୍ମିନାଲକୁ ପାଇପ ବିଛାହେବ । ସେଥିପାଇଁ ଏହି ଜମିର ଆବଶ୍ୟକତା ଅଛି । କିନ୍ତୁ ଏହି ଜମିକୁ ନେବା ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହି ଜମି ହସ୍ତାନ୍ତରିତ ହେବା ପୂର୍ବରୁ ଧାମରା ବନ୍ଦର( ଆଦାନୀ) ଏହାର ପ୍ରତିବଦଳରେ ପ୍ରଥମେ ନେବାକୁ ଥିବା ଜମିର ବଦଳରେ ଜମି କ୍ରୟ କରି ଜଙ୍ଗଲ ବିଭାଗ ନାମରେ ନାମିତ କରିବା ଜରୁରୀ । କିନ୍ତୁ ଏହି ନିୟମକୁ ଫୁ କରି ବିଭାଗୀୟ ଅଧିକାରୀ ଧାମରା ବନ୍ଦରକୁ ଏହି ଜମି ହସ୍ତାନ୍ତରିତ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି । ଏ ପାଇଁ ଜନ ଶୁଣାଣୀର ଆବଶ୍ୟକତା ଅଛି ବୋଲି କଇଥଖୋଲା ପଂଚାୟତର ପୂର୍ବତନ ସରପଂଚ ବନବିହାରୀ ମାଇତି ନିଜର ପ୍ରତିକ୍ରିୟା ରଖିଥିବା ବେଳେ ଆଗାମୀ ଦିନରେ ସେମାନେ ଏ ନେଇ ପବ୍ଲିକ ପିଟିସନ ଦାୟର କରିବେ । ଚାନ୍ଦବାଲି ବ୍ଲକର ବରିଷ୍ଠ କଂଗ୍ରେସ ନେତା ଅମୀୟ ମହାପାତ୍ର ନିଜର ପ୍ରତିକ୍ରିୟା ରଖି କୁହନ୍ତି ସେ ଖୁବ ଶୀଘ୍ର ରାଜ୍ୟ ପ୍ରଦୁଷଣ ବିଭାଗ ପାଖରେ ଏ ନେଇ ଅପିଲ କରିବେ କେଉଁ ପରିସ୍ଥିତିରେ ସାଧାରଣ ଜନତାଙ୍କ ଅଗୋଚରରେ ଜଙ୍ଗଲ ଜମି ନେବାକୁ ମସୁଧା ଚଳାଇଛନ୍ତି ଏବଂ କଇଥଖୋଲା ପଂଚାୟତରୁ ଜମି ନେଉଥିବା ବେଳେ କିପରି ଏହାର ପ୍ରତିବଦଳରେ ତିହିଡି ପଂଚାୟତ ଅଧିନସ୍ଥ ଫତେପୁର ଠାରେ ଧାମରା ବନ୍ଦର(ଆଦାନୀ) କର୍ତ୍ତୃପକ୍ଷ ଜମି କିଣି ବଦଳ କରିବେ ଏହା ସାଧାରଣରେ ପ୍ରଶ୍ନବାଚୀ ହୋଇ ପଡିଛି । ତୁରନ୍ତ ଏହା ବିରୁଦ୍ଧରେ ସାଧାରଣ ଜନତା ସ୍ୱର ଉଠାଇବେ ଏବଂ ଏହି ଜମି ଅଦଳ ବଦଳ ପ୍ରକ୍ରିୟାତୁରନ୍ତ ବନ୍ଦ କରିବାକୁ ସେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି । ଧାମରା ବନ୍ଦର କର୍ତ୍ତୃପକ୍ଷ ଜାଣି ଶୁଣି ଏହା କରୁଥିବା ବେଳେ ଆଉ ଏହି କଥା ବରଦାସ୍ତ କରାଯିବ ନାହିଁ ବୋଲି ସାଧାରଣରେ ପ୍ରତିକ୍ରୟା ପ୍ରକାଶ ପାଇଛି । ମାତ୍ର ଜମିର ସରଜମିନ ତଦନ୍ତ କରିବାକୁ ଆସି ରାଜନଗର ଡିଏଫଓ ବିରଞ୍ଚି ମଲିକ,ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର,ଚାନ୍ଦବାଲି ତହସିଲ ସୁପରଭାଇଜର ଦାଶରଥି ଦାସ ଆସି କ୍ଷେତ୍ରୀୟ ପରିଦର୍ଶନ କରିବା ସହ ତଦନ୍ତ କରି ଫେରିଯାଇଛନ୍ତି ।




Bhubaneswar Saturday May 1, 2021 ଭୁବନେଶ୍ୱର ଶନିବାର, ମେ ୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ରାଉରକେଲା ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ପ୍ରତ୍ୟେହ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ନିବେଦନ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ସ୍ୱରୂପ ପ୍ରତ୍ୟେହ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ନିବେଦନ କରାଯାଇଛି। ରାଉରକେଲା ଚ୍ୟାମ୍ବର ଅଫ କମର୍ସର ସଭାପତି ଏକ ଭିଡ଼ିଓ ବାର୍ତା ମାଧ୍ୟମରେ ଏନେଇ ସମସ୍ତ ବ୍ୟବସାୟୀଙ୍କୁ ନିବେଦନ କରିଛନ୍ତି ।ତେବେ ସଂନ୍ଧ୍ୟା ୬ଟା ଠାରୁ ରାତ୍ରୀକାଳୀନ କର୍ଫ୍ୟୁ ଆରମ୍ଭ ହେଉଥିବାରୁ ଉପରବେଳା ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହାଦ୍ୱାରା ଛୋଟ ବଡ଼ ବେପାରୀଙ୍କ ଠାରୁ ଆରମ୍ଭ କରି ସହରର ସମସ୍ତ ବ୍ୟବସାୟୀ ଅଣ୍ଟେ ବହୁତେ କ୍ଷତିର ସମ୍ମୁଖୀନ ହେଉଥିବା କହିଛନ୍ତି । ଏହାରି ଭିତରେ ରାସ୍ତା କଡ଼ରେ ଠେଲା ଗାଡିରେ ତେଲଭାଜି ଓ ଫାଷ୍ଟଫୁଡ୍ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ଦ୍ୱିତୀୟ ଲହରରେ ସୁନ୍ଦରଗଡ଼ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆଜି ନୂଆ ୯୩୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରଖାଯାଇ ଚିକିତ୍ସା କରାଯାଉଛି । ସହରର କେତେକ ହେଟେଲକୁ ମଧ୍ୟ ଆଇସୋଲେସନ ସେଂଟର ଭାବେ ଅନୁମତି ଦିଆଯାଇଛି ।

# କେନ୍ଦୁଝରରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ଜିଲ୍ଲା ପ୍ରଶାସନର ତତ୍ପରତା: ଜାରି ହେଲା ନୂତନ ଗାଇଡ ଲାଇନ

କେନ୍ଦୁଝର: କେନ୍ଦୁଝର ରେ କରୋନା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଓ ଜାରି କରାଯାଇଥିବା ଗାଇଡ୍ ଲାଇନ ସଂପର୍କରେ ଜିଲ୍ଲାପାଳ ଆଶିଷ ଠାକରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଠାକରେଙ୍କ ଦ୍ୱାରା ଦିଆଯାଇଥିବା ସୂଚନାନୁଶାରେ ବର୍ତମାନ ରୋଗୀମାନଙ୍କ ଠାରେ ଦେଖାଯାଉଥିବା ଲକ୍ଷଣନୁଶାରେ ସେମାନଙ୍କୁ ଆକ୍ସିଜେନର ଆବଶ୍ୟକ ଅଧିକ ପଡୁଛି । ତେଣୁ ଜିଲ୍ଲା ମୁଖ୍ୟାଳୟର କାର୍ଯ୍ୟକ୍ଷମ ଥିବା ରାଙ୍କିସ୍ଥିତ କୋଭିଡ ହସ୍ପିଟାଲରେ ଆଇ.ସି.ୟୁ. ସଂଖ୍ୟା ୪୫ କୁ ବଢାଇ ଦିଆଯାଇଛି । ଏବଂ ଏଠାରେ ୧୩୦ ଟି ଆକ୍ସିଜେନ ଶଯ୍ୟା ପସ୍ତୁତ କରି ରଖାଯାଇଛି । ଏବଂ ଜିଲ୍ଲାରେ ଡି.ଡି. କଲେଜର ଦୁଇଟି ଛାତ୍ରାବାସ ରେ ୨ଟି ସହ ଯୋଡା , ଚମ୍ପୁଆ , ବଡବିଲ ଓ ଆନନ୍ଦପୁର ଠାରେ ୫ଟି କୋଭିଡ କେୟାର ସେଟଂର ସ୍ଥାପନ କରାଯାଇଥିବା ବେଳ ୩୯୦ ଟି ଜେନେରାଲ ଓ ୧୨୦ ଟି ଅକ୍ସିଜେନ ବେଡର ସୁବିଧା ଥିବା ସେ ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଥିବା ଦରବାର ହଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶ୍ରୀ ଠାକରେ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାରୁ ପ୍ରତିଦିନ ଚିହ୍ନଟ ହେଉଥିବା ନୂତନ କରୋନା ରୋଗୀ ଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୫୦ ରୁ ୬୦ ଭାଗ ରୋଗୀ ମ୍ୟୁନିସିପାଲଟି ଅଂଚଳରୁ ହିଁ ରହୁଛନ୍ତି , ଯାହା ମଧ୍ୟରେ କେନ୍ଦୁଝର ସଦର ମ୍ୟୁନିସିପାଲଟି ଅଂଚଳ ସବୁଠାରୁ ଆଗରେ ରହିଛି । ତେଣୁ ଜିଲ୍ଲା ର ସବୁ ମ୍ୟୁନିସିପାଲଟି ଓ ଏହା ପାଖ ଆଖ ଅଂଚଳ ରେ ଏକା ସାଙ୍ଗରେ ପାଂଚ ଜଣ ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଆଜି ବୁଧବାର ସକାଳ ସୁଦ୍ଧା ଜିଲ୍ଲା ରେ ୨୦ ଟି ମାଇକ୍ରୋ କନ୍ଟେନମେନ୍ଟଜୋନ କରାଯାଇଥିବା ବେଳେ ତା ମଧ୍ୟରୁ ୧୬ ଟି ମାଇକ୍ରୋଯୋନ କେବଳ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳ ମଧ୍ୟରେ ରହିଅଛି । ଏହାସହ ଏହି ଯୋନ ମଧ୍ୟରେ ଥିବା ଲୋକ ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରି ଦେଇଛନ୍ତି । ଯେହେତୁ ମ୍ୟୁନିସିପାଲଟି ଅଂଚଳ ରେ ଅଧିକ କୋଭ୍ଡ ଆକ୍ଟିଭ କେଶ ବାହାରୁଅଛି ସେଥିପାଇଁ ଏହି ଅଂଚଳ ମଧ୍ୟରେ ଥିବା ଖାଦ୍ୟ ସାମଗ୍ରୀ ଦୋକାନ ବା ହୋଟେଲ ଜଳଖିଆ ଆଦି ଦୋକାନ ରେ ଲୋକେ ବସି ଖାଇବାକୁ ବାରଣ କରାଯାଇଥିବା ବେଳେ କେବଳ ପାର୍ସଲ ନେବାକୁ ଅନୁମତି ଦିଆଯାଇଛି। କେନ୍ଦୁଝର ମୁନିସିପାଲ ଟି ଅଂଚଳରେ ୮ ଟି ର୍ୟାପିଡ ରେସପନ୍ସ ଟିମ ନିୟୋଜିତ କରାଯାଇଛି । ସେମାନେ ଘର ଘର ବୁଲି ନୂଆ କେଶକୁ ଚିହ୍ନଟ କରିବା ସହ ପୁରୁଣା କେଶର ହୋମ ଆଇସୋଲେସନ ଆଦିକୁ କୁ ତଦାରଖ କରବେ । ଏହାଛଡା ଆଶା କର୍ମୀ ଅଙ୍ଗନବାଡି କର୍ମି ଓ ଏ. ଏନ.ଏମ୍ ମାନେ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳରେ ୨୧ ଟି ଓ୍ୱାର୍ଡ ପର୍ଯ୍ୟାୟ କମିଟି ଫର୍ମ କରାଯାଇଛି । ସେମାନେ ଓ୍ୱାର୍ଡରେ ଘରକୁ ଘର ବୁଲି ହୋମ ଆସୋଲେସନ ରେ ରହିଥିବା ଲୋକଙ୍କର ସ୍ୱାସ୍ଥ ର ସମୀକ୍ଷା କରିବେ ଓ ଦରକାର ହେଲେ ସେମାନଙ୍କୁ ସ୍ୱାସ୍ଥ ସେବା ଯୋଗାଇ ଦିଆଯିବା ଦିଗରେ ସଂପୃକ୍ତ ଅଧିକାରୀ ବା ବିଭାଗ ସହ ଯୋଗାଯୋଗ କରି ପଦକ୍ଷେପ ନେବେ । ଅନ୍ୟ ପକ୍ଷରେ ଜିଲ୍ଲାବାସୀ ବିନା କାରଣ ରେ କେଉଁଠାରେ ହେଲେ ବି ଗହଳି ନକରିବାକୁ ଏବଂ ବିନା କାମ ରେ ଘରୁ ନ ବାହାରକୁ ଜିଲ୍ଲାପାଳ ଶ୍ରୀ ଠାକରେ ପରାମର୍ଶ ଦେବା ସହ ନିଜର ଓ ଅନ୍ୟର ସୁରକ୍ଷା ଦୃଷ୍ଟିରୁ ବାହାରିଲେ ମାସ୍କ ପିନ୍ଧିବାକୁ କହିଛନ୍ତି । ଏହା ଛଡା ଜିଲ୍ଲା ରେ ଥିବା ସମସ୍ତ କୋଭ୍ଡ କେୟାର ସେଣ୍ଟରେ ମାନଙ୍କରେ ଆଇସିୟୁ ଓ ଆକ୍ସିଜେନ ଆଦି ବେଡ ବୃଦ୍ଧି କରାଯାଉଥିବା ବେଳେ ପର୍ଯ୍ୟାପ୍ତ ପରିମାଣ ର ଆକ୍ସିଜେନ ମହଜୁଦ ଅଛି ଓ ଆସନ୍ତା ଦୁଇ ସପ୍ତାହକ ଭିତରେ ରାଙ୍କି ସ୍ଥିତ କୋଭ୍ଡ ହସ୍ପିଟାଲ ରେ ଅକ୍ସିଜେନ ତିଆରି ମେସିନ କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ସିଲ୍ ଦୋକାନ ୪୮ଘଂଟା ନପୁରୁଣୁ ଖୋଲା

କଣାସ: କରୋନାର ଦ୍ୱିତୀୟ ଲହରର ପ୍ରକୋପ ବୃଦ୍ଧି ପାଉଥିବାରୁ ପ୍ରତ୍ୟେକ ବ୍ଲକର ଜନସାଧାରଣଙ୍କୁ ସଚେତନ କରିବା ସହିତ ଅମାନିଆମାନଙ୍କୁ ସାବାଡ କରିବା ପାଇଁ ବିଡିଓ, ତହସିଲଦାର, ଥାନା ଅଧିକାରୀମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ମାକ୍ସ ପିନ୍ଧି ନ ଥିବା ଲୋକମାନଙ୍କ ଠାରୁ ଥାନା ଅଧିକାରୀ ଜୋରିମାନା ଆଦାୟ କରୁଥିବା ବେଳେ ତହସିଲଦାର ଓ ବିଡିଓ ଦୋକାନମାନଙ୍କୁ ଯାଇ ଯେଉଁ ଦୋକାନରେ ଅଧିକ ଗହଳି ହୋଇଥିବ, କୋଭିଡ୍ ନିୟମ ମାନୁନଥିବେ ସେମାନଙ୍କ ଦୋକାନ ସିଲ୍ କରିବା ପାଇଁ ନିର୍ଦ୍ଦେଶ ରହିଛି । ଏହି କ୍ରମରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ, କଣାସ ଥାନା ଆଇ.ଆଇ.ସି ତପନ ରାଉତ ଗତ ୨୬ ତାରିଖ ରାତ୍ର ୮ଟା ସମୟରେ କଣାସ ବଜାର ସାଲିନୀ କ୍ଲଥଷ୍ଟୋରକୁ ଯାଇ ଦେଖନ୍ତିତ ସେଠାରେ ଗ୍ରାହକମାନେ ଭିଡ଼ କରିଥିବା ବେଳେ ସେମାନେ ମାକ୍ସ ପିନ୍ଧି ନ ଥିବାରୁ ଦୋକାନଟିକୁ ସିଲ୍ କରିଦେଇଥିଲେ । ସେହିପରି ତାର କିଛି ସମୟ ପରେ ବିଜିପୁର ବଜାରକୁ ଯାଇ ସରକାରୀ ବିଦେଶୀ ମଦ ଦୋକାନ ଗହଳି ଥିବାରୁ ଦୋକାନକୁ ସିଲ୍ କରିଦେଇଥିଲେ। ସିଲ୍ କରିବାର ୪୮ଘଂଟା ବିତି ନ ଥିଲେ ମଧ୍ୟ ପୁନଶ୍ଚ ଦୋକାନ ଦୁଇଟି ଯାକ ଖୋଲିଦିଆ ଯାଇଥିବାରୁ ଏହା ଜନସାଧାରଣରେ ରାସ୍ତାଘାଟରେ ଆଲୋଚନାର ବିଷୟବସ୍ତୁ ହୋଇଛି । କେଉଁଠି ଉପଜିଲ୍ଲାପାଳଙ୍କ ଚାପରେ ମଦଦୋକାନ ଖୋଲାଯାଇଛି ବୋଲି ଆଲୋଚନା ହେଉଥିବା ବେଳେ କେଉଁଠି ଜୋରବଟି ଆଦାୟ କରି ଦୋକାନ ଖୋଲାଯାଇଥିବା ଜନସାଧାରଣ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି । ସିଲ୍ ହୋଇଥିବା ଦୋକାନ ଖୋଲିବା ସମ୍ପର୍କରେ ବିଡିଓ ଲୋଚନ ଦାସ କଣାସ ଥାନା ଆଇ.ଆଇ.ସି ତପନ ରାଉତଙ୍କୁ ପଚାରିବାରୁ ସେ କୁହନ୍ତି, ଆମେ ଦୋକାନ ଖୋଲିବା ସମ୍ପର୍କରେ ଜାଣି ନାହୁଁ । ତହସିଲଦାର ଜାଣିଥିବେ । ଅନ୍ୟପକ୍ଷରେ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ମୁଁ କୌଣସି ଉଚ୍ଚ ଅଧିକାରୀଙ୍କ ଚାପରେ ଖୋଲି ନାହିଁ । ଦୁଇ ଦୋକାନିଙ୍କ ଠାରୁ ହଜାର ହଜାର ଦୁଇ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି । ତହସିଲଦାରଙ୍କ ଏପରି ଲେଖେ ଲିଭା କାର୍ଯ୍ୟକୁ କଣାସ ଅଂଚଳର ବୁଦ୍ଧିଜୀବିମାନେ ନାପସନ୍ଦ କରିଛନ୍ତି ।

# କେନ୍ଦୁଝର ମ୍ୟୁନିସପାଲଟିରୁ ସର୍ବାଧିକ ୩୧, ଗୋଟିଏ ଦିନରେ ୧୯୨୫ ଟେଷ୍ଟ

କେନ୍ଦୁଝର:କେନ୍ଦୁଝର ଜିଲ୍ଲାରେ ଆଜି ନୂଆ ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏହି ସଂକ୍ରମିତଙ୍କ ସଂଖ୍ୟାରେ କେନ୍ଦୁଝର ଗଡ଼ ମ୍ୟୁନିସପାଲଟି ପୁଣି ସବୁଠାରେ ଆଗରେ ରହିଛି । କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ୩୧ ଜଣ ଚିହ୍ନଟ ହୋଇଥିବା ବେଳେ ତା ତଳକୁ ଚମ୍ପୁଆ ବ୍ଲକ ଅଂଚଳରେ ୧୭ ଜଣ, କେନ୍ଦୁଝର ସଦର ବ୍ଲକ ଓ ଯୋଡା ବ୍ଲକ ଅଂଚଳରେ ୧୫ ଜଣ ଲେଖାଏଁ, ଯୋଡା ମ୍ୟୁନିସପାଲଟି ଅଂଚଳରେ ୧୩ ଜଣ, ବଡବିଲ ମ୍ୟୁନିସପାଲଟି ଅଂଚଳରେ ୧୧ ଜଣ, ଝୁମ୍ପୁରା ବ୍ଲକ ଅଂଚଳରେ ୭ ଜଣ , ପାଟଣା ବ୍ଲକ, ହରିଚନ୍ଦନପୁର ବ୍ଲକ, ସାହାରପଡା ବ୍ଲକ, ଆନନ୍ଦପୁର ବ୍ଲକ ଅଂଚଳରେ ୬ ଜଣ ଲେଖାଏଁ, ଚମ୍ପୁଆ ଏନ. ଏ. ସି . ଓ ଘଟଗାଁ ବ୍ଲକ ଅଂଚଳରେ ୫ ଜଣ ଲେଖାଏଁ, ଘସିପୁରା ବ୍ଲକ ଅଂଚଳରେ ୪ ଜଣ ଓ ହାଟଡିହି ବ୍ଲକ ଅଂଚଳରେ ଜଣେ ରହିଛନ୍ତି ।

# ସୀତକଣ୍ଠ ଦାଶଙ୍କର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୫ଲକ୍ଷ ଟଙ୍କା ପ୍ରଦାନ

ମିନିଆପଲିସି / ଭୁବନେଶ୍ୱର: ଆମେରିକାରେ ଅବସ୍ଥାପିତ ଓଡ଼ିଆ ବୈଜ୍ଞାନିକ, ଉଦ୍ୟୋଗପତି ଏବଂ ଜନହିତୈଶୀ ଡଃ ସୀତକଣ୍ଠ ଦାଶ କୋଭିଡ୍ ସଙ୍କଟକୁ ମୁକାବିଲା କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ଲକ୍ଷ ଟଙ୍କା ଦାନ କରିଛନ୍ତି । ଜଗଦଗୁରୁ କୃପାଲୁ ବିଶ୍ୱବିଦ୍ୟାଳୟର ଅଧକ୍ଷ ଏବଂ କୁଳାଧିପତି ଡଃ ଦାଶ ଏକ ବକ୍ତବ୍ୟରେ ତାଙ୍କର ଏହି ବିନମ୍ର ଅନୁଦାନ ବିଦେଶରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଓ ପ୍ରବାସୀ ଓଡ଼ିଆମାନଙ୍କୁ କରୋନା ମହାମାରୀର ଦ୍ୱିତୀୟ ତରଙ୍ଗ ଯୋଗୁଁ ଉଦ୍‌ଭବ ଚଳିତ ଭୟଙ୍କର ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି କାଳରେ ନିଜର ମାତୃଭୂମି ଭାରତ ଓ ମାତୃପ୍ରଦେଶ ଓଡ଼ିଶାକୁ ଉଦ୍ଧାର କରିବା ପାଇଁ ସାହାଯ୍ୟ ସହଯୋଗ ପ୍ରଦାନ କରିବା ସକାଶେ ନିଶ୍ଚିତ ଭାବେ ଉତ୍ସାହ, ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇବ ବୋଲି ଆଶା ପ୍ରକାଶ କରିଛନ୍ତି । ଡଃ ଦାଶଙ୍କ ତରଫରୁ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟର ସଭାପତି ସ୍ୱାମୀ ମୁକୁନ୍ଦାନନ୍ଦ ଏବଂ କୁଳସଚିବ ମଧୁସୂଦନ ମିଶ୍ର ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଭୁବନେଶ୍ୱରର ଲୋକସେବା ଭବନସ୍ଥିତ ତାଙ୍କର କାର୍ଯ୍ୟାଳୟଠାରେ ସାକ୍ଷାତ କରି ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ।

ବର୍ତ୍ତମାନ ଭାରତୀୟମାନେ ଅଭୂତପୂର୍ବ ଭୂତାଣୁ ଆତଙ୍କ ଯୋଗୁଁ ଯେଉଁଭଳି ଭାବେ ଅକଥନୀୟ ଯନ୍ତ୍ରଣା ଓ ନିର୍ଯାତନାର ଶୀକାର ହେଉଛନ୍ତି, ସେ ନେଇ ସମଗ୍ର ବିଶ୍ୱରେ ଆମ ଦେଶ ପ୍ରତି ସମବେଦନା ପ୍ରକାଶ ପାଉଥିବା ଡଃ ଦାଶ ଦର୍ଶାଇଛନ୍ତି । ଓଡ଼ିଶା ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଓ କରୋନାର ସଂକ୍ରମଣକୁ ରୋକିବାରେ ଯେପରି ସଫଳ ଓ ସମୟାନୁବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଛନ୍ତି, ତା'ର ସେ ପ୍ରଶଂସା କରିଛନ୍ତି । ସଦ୍ୟ ଗଠିତ ବିଶ୍ୱ ଓଡ଼ିଶା



ସମାଜର ମୁଖ୍ୟ ପୃଷ୍ଠପୋଷକ ଡଃ ଦାଶ, ସାମ୍ପ୍ରତିକ ମହାବିପତ୍ତିକୁ ଆୟତ୍ତାଧୀନ କରିବା ପାଇଁ ସାରା ପୃଥିବୀର ଓଡ଼ିଆ ସଂପ୍ରଦାୟ ଆଗଭର ହୋଇ ଆସି ରାଜ୍ୟ ସରକାରଙ୍କର ହାତମୁଠାକୁ ଟାଣ କରିବାକୁ ନିବେଦନ କରିଛନ୍ତି ।

ପ୍ରୋବାଓଟେକ୍ ଉଦ୍‌ଭାବନର ପ୍ରମୁଖ ପ୍ରବର୍ତ୍ତକ ଡଃ ସୀତକଣ୍ଠ ଦାଶ ଆମେରିକାର ମିନିଆପଲିସି ଠାରେ ୟୁ.ଏ.ଏସ୍ ଲାବୋରେଟୋରୀଜ୍, ସାଉଥ୍‌ଡାକୋଟା ରାଜ୍ୟ ବିଶ୍ୱବିଦ୍ୟାଳୟରେ ପ୍ରୋବାଓଟେକ୍ ଉଦ୍‌ଭାବନ କେନ୍ଦ୍ର ଏବଂ ଭୁବନେଶ୍ୱରସ୍ଥିତ ଆଇ.ଆଇ.ଟିଠାରେ ନିଜର ଜନ୍ମ ପ୍ରଦେଶ ଓଡ଼ିଶାରେ ବହୁ ଜନହୀତକର ପ୍ରକଳ୍ପ ପ୍ରଣୟନ କରିଥିବା ଜଣାଯାଇଛି । ଶ୍ରୀଜଗନ୍ନାଥଙ୍କର ଜଣେ ଅଗ୍ରଣୀ ଭକ୍ତ ଡଃ ଦାଶ ଦେଶ ବିଦେଶରେ ଜଗନ୍ନାଥ ଧର୍ମର ପ୍ରଚାର ପ୍ରସାର କରିବା ସାଙ୍ଗକୁ ମିନେସୋଟାଠାରେ ଆମେରିକାର ସବୁଠୁ ବୃହତ୍ ହୀନ୍ଦୁ ମନ୍ଦିର ସ୍ଥାପନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ଏବେ ମିନେସୋଟାର ଭାରତୀୟ ସଂଘ ଏବଂ ଭୁବନେଶ୍ୱରର କଳିଙ୍ଗ ହସ୍‌ପିଟାଲର ନିର୍ଦ୍ଦେଶକ ଏବଂ ସାଉଥ୍‌ଡାକୋଟା ରାଜ୍ୟ ବିଶ୍ୱବିଦ୍ୟାଳୟର ଆଡ୍‌ଜଙ୍କ ପ୍ରାଧାପକ ଅଛନ୍ତି ।

## ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ

ପୁରୀ: ପିପିପି ମୋଡ୍ ରେ ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ। ଭୁବନେଶ୍ୱର ସମ୍ ହସ୍ପିଟାଲ ଏହି କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟୀତ୍ୱ ନେବ। ଜିଲ୍ଲାପାଳ ସମର୍ଥ ବର୍ମା ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏଥିପାଇଁ ଜିଲ୍ଲାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲର ଆବଶ୍ୟକତା ରହିଛି । ଏହି ହସ୍ପିଟାଲରେ ୪୦ଟି ଆଇସିୟୁ ସହିତ ୪ଟି ଭେଂଟିଲେଟର ବ୍ୟବସ୍ଥା ରହିବ । ସେହିପରି ଗତ ୨୩ ତାରିଖରୁ ଆରଟିପିସିଆର ଟେଷ୍ଟିଂ ମେସିନ୍ ଅଚଳ ଥିବାରୁ ରୋଗୀଙ୍କ ଆଂଟିଜେନ୍ ଟେଷ୍ଟ କରାଯାଉଛି । ଏହା ସହ ଯେଉଁ ମାନଙ୍କ ଠାରେ କରୋନା ଲକ୍ଷଣ ଦେଖାଯାଉଛି ସେମାନେ ହସ୍ପିଟାଲ ଯାଇ ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ଜିଲ୍ଲାପାଳ କହିଛନ୍ତି । ଚିହ୍ନଟ ହେଉଥିବା କରୋନା ସଂକ୍ରମିତ ମାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତି କରାଯାଉଥିବା ଜିଲ୍ଲାପାଳ ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

# କେନ୍ଦ୍ରାପଡା ସହରରେ ଆରକ୍ଷୀ ଅଧିକ୍ଷକଙ୍କ କୋଭିଡ ସଚେତନତା ମାସ୍କ ଚେକିଂ



କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ଠାରୁ ଆରମ୍ଭ କରି ବଡହାଟ ପର୍ଯ୍ୟନ୍ତ ରାସ୍ତାରେ ଗୁରୁବାର ପୂର୍ବାହ୍ନରେ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ପାଦରେ ଚାଲି ଚାଲି ଲୋକମାନଙ୍କୁ ଏବଂ ଦୋକାନୀମାନଙ୍କୁ କୋଭିଡ ସମ୍ପର୍କରେ ସଚେତନ କରିବା ସହ ଅମାନିଆମାନଙ୍କ ଠାରୁ ମାସ୍କ ପିନ୍ଧି ନଥିବା କାରଣରୁ ଜୋରିମାନା ଆଦାୟ କରିବାକୁ ନିର୍ଦେଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଏ.ଏସ.ଆଇ. ଶରତ ଚନ୍ଦ୍ର ବାରିକ ପ୍ରମୁଖ ରାସ୍ତାରେ ମାସ୍କ ନପିନ୍ଧି ଯାଉଥିବା ଦୁଇଚକିଆ ଯାନର ଚାଳକ ଓ ଲୋକମାନଙ୍କ ଠାରୁ ୫ଶହ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରିଥିଲେ । ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି ।

# ସର୍ଭିସ୍ ରାଇଫଲ୍ ରୁ ଗୁଳି ଚଳାଇ ଯବାନଙ୍କ ଆତ୍ମହତ୍ୟା

ରାୟଗଡ଼ା: ନିଜ ସର୍ଭିସ୍ ରାଇଫଲ୍ ରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି ଯବାନ। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଅଂଚଳରେ ଆଜି ମଧାହ୍ନରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ମୃତ ଯବାନଙ୍କ ନାମ ଦିଲ୍ଲୀପ କୁମାର ମାଇ । ରାୟଗଡ଼ା କାଶୀପୁର ଥାନା ବିଏସଏଫ ୬୮ ବାଟାଲିୟନରେ କାର୍ଯ୍ୟରତ ଏହି ଯବାନ ଗତ ୪ ମାସ ତଳେ ବିବାହ କରିଥିବା ସୂଚନା ମିଳିଛି । ଆତ୍ମହତ୍ୟାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି । ତେବେ ପାରିବାରିକ କହଳରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।ଦିଲ୍ଲୀପ ନିଜ କ୍ୟାମ୍ପରେ ଥିବା ସମୟରେ ହଠାତ୍ ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା । ସାଥୀ ଯବାନ ମାନେ ଦୌଡ଼ି ଯାଇ ଘଟଣାସ୍ଥଳରେ ଦିଲ୍ଲୀପଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ରାୟଗଡ଼ା ଡିଏସପି ସେଠାରେ ପହଂଚି ଛାନଭିନ୍ ଜାରୀ ରଖିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray